## କଂଗ୍ରେସ ପକ୍ଷରୁ ବନ୍ଦ ପାଳନ ପ୍ରସ୍ତୁତି

ନବରଙ୍ଗପୁର,(ବି.ପ୍ର.): ମମିତା ମେହେର ହତ୍ୟାକାଣ୍ଡରେ ମନ୍ତ୍ରୀଙ୍କ ଇସ୍ତଫା ଓ ଗିରଫ ଦାବି କରି ପିସିସି ପକ୍ଷରୁ ନଭେମ୍ବର ୧୨ରେ ୬ ଘଣ୍ଟିଆ ବନ୍ଦ ଡାକରା ଦିଆଯାଇଛି। ଏହି ବନ୍ଦ ଡାକରାକୁ ସଫଳ କରିବା ପାଇଁ ନବରଙ୍ଗପୁର ଜିଲା କଂଗ୍ରେସ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଜିଲା କଂଗ୍ରେସ ସଭାପତି ମୁନା ତ୍ରିପାଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ପୂର୍ବତନ ବିଧାୟକ ସଦନ ନାୟକ, ବରିଷ୍ଠ କଂଗ୍ରେସ ନେତା ଦିଲୀପ କୁମାର ବେହେରା, ସତ୍ୟ ନାରାୟଣ ତ୍ରିପାଠୀ, ତାଜ ଇମ୍ରାନ ସରିଫ, ମିହିର ବେନିଆ, ବାସୁଦେବ ପଟ୍ଟନାୟକ, ପ୍ରଦୀପ ସାହୁ, ରାଜେନ୍ଦ୍ର ହିଆଲ, ଅନେଶ କୁମାର ଟାକ୍ରୀ, ଭବାନି ପ୍ରସାଦ ସାହୁ, ମୁକେଶ ଗୁପ୍ତା, ପ୍ରବିଣ ପରିଜା, ଅବଦୁଲ ଫିରୋଜ ପ୍ରମୁଖ ଯୋଗ ଦେଇଥିଲେ।

**ସଂକ୍ଷେପରେ**

## ନୂତନ ଜିଲାପାଳଙ୍କ କୋଷାଗୁମୁଡ଼ା ଗସ୍ତ

**କୋଷାଗୁମୁଡ଼ା,୧୦।୧୧(ଡି.ଏନ୍.ଏ.):** ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ବ୍ଲକକୁ ମଙ୍ଗଳବାର ନୂତନ ଜିଲାପାଳ କମଳଲୋଚନ ମିଶ୍ର ଗସ୍ତ କରିଛନ୍ତି। ବିଡିଓ ଅକ୍ଷମତା କାର୍ତ୍ତିକ ଓ ଅନ୍ୟ ବ୍ଲକ କର୍ମଚାରୀମାନେ ତାଙ୍କୁ ସ୍ୱାଗତ କରିଥିଲେ। ଜିଲାପାଳ ପ୍ରଥମେ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଭୋଟ ଗଣତି କେନ୍ଦ୍ର ପାଇଁ ନିର୍ଦ୍ଧାରିତ ସ୍ଥାନ ଏବଂ ମହାତ୍ମା ଗାନ୍ଧୀ ଶିଶୁ ଉଦ୍ୟାନର ମରାମତି କାର୍ଯ୍ୟ ଦେଖିଥିଲେ। ନିୟନ୍ତ୍ରିତ ବଜାର କମିଟିର ନୂତନ ଦୋକାନ ଗୃହ ପରିଦର୍ଶନ କରିଥିଲେ। ଏହାପରେ ଜିଲାପାଳ ସରକାରୀ ଉଚ୍ଚ ବିଦ୍ୟାଳୟର ସ୍ମାର୍ଟ କ୍ଲାସ୍ କାର୍ଯ୍ୟ ତଦାରଖ କରିଥିଲେ। ଏହି ସମୟରେ ବ୍ଲକ ଅଧକ୍ଷା ଗୀତାମଣୀ ସମରଥ, ଜିଲା ପରିଷଦ ସଭ୍ୟ ଯୁଗଧର ହରିଜନ, ସରପଞ୍ଚ ନେତ୍ରୁ ପୂଜାରୀ ଉପସ୍ଥିତ ଥିଲେ।

## ନୂତନ ବିଡିଓଙ୍କ ଯୋଗଦାନ

**ତେନ୍ତୁଳିଖୁଣ୍ଟି, ୧୦।୧୧(ଡି.ଏନ୍.ଏ.):** ନବରଙ୍ଗପୁର ଜିଲା ତେନ୍ତୁଳି ଖୁଣ୍ଟି ବ୍ଲକର ନୂତନ ବିଡିଓଭାବେ ଦୁର୍ଯ୍ୟୋଧନ ଭୋଇ ଯୋଗ ଦେଇଛନ୍ତି। ବ୍ଲକ କର୍ମଚାରୀ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ସରକାର ଙ୍କ ସମସ୍ତ ଯୋଜନାକୁ ପରିଚାଳନା କରି ବ୍ଲକ ବିକାଶ ଧାରାକୁ ଆଗକୁ ନେବାକୁ ପ୍ରୟାସ କରିବି ବୋଲି ବିଡିଓ କହିଛନ୍ତି। ସୂଚନାନୁଯାୟୀ, ଦୀର୍ଘ ଦିନରୁ ଏବିଡିଓ ପଦ୍ମନାଭ ତ୍ରିପାଠୀ ଏହି ଦାୟିତ୍ୱ ତୁଲାଇ ଆସୁଥିଲେ।

## ଡିଏଲ୍ଏସ୍ଏର କାର୍ଯ୍ୟକ୍ରମ ନେଇ ସଚେତନତା

**ରାୟଗଡ଼ା ଅଫିସ,୧୦।୧୧:** ରାୟଗଡ଼ା ଜିଲା ଆଇନ ସେବା ପ୍ରାଧିକରଣ(ଡିଏଲ୍ଏସ୍ଏ)ପକ୍ଷରୁ ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟ ପରିସରରେ ଜାତୀୟ ଆଇନ ସେବା ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ପ୍ରାଧିକରଣର ସଚିବ ମନୋରଞ୍ଜନ ମିଶ୍ର ଏଥିରେ ଅଧକ୍ଷତା କରିଥିଲେ। କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ନିର୍ଦ୍ଦେଶକ ରାଜେଶ ପାଢ଼ୀ, ଅଧକ୍ଷ ଚନ୍ଦ୍ରଶେଖର ପାଢ଼ୀ, ଆଇନଜୀବୀ ସାମୁଏଲ ତାଣ୍ଡି, ବିଶ୍ୱନାଥ ଗନ୍ତାୟତ ପ୍ରମୁଖ ଯୋଗ ଦେଇଥିଲେ। ସ୍ୱାଧୀନତାର ଅମୃତ ମହୋତ୍ସବ ପାଳନ ଅବସରରେ ଆଇନ ସେବା ସମ୍ପର୍କିତ ଆଇନ ବିଷୟରେ ପ୍ରାଧିକରଣର ସଚିବ ଆଲୋକପାତ କରିଥିଲେ। ଆଇନଜୀବୀମାନେ ବଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ଡିଏଲ୍ଏସ୍ଏର କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେବା ସହ ସମ୍ମୁଖ କାର୍ଯ୍ୟାଳୟର ଭୂମିକା ଏବଂ ସମାଜର ବହୁବିଧ ସମସ୍ୟାର ନିରାକରଣ ଦିଗରେ ପ୍ରାଧିକରଣର ଭୂମିକା ବିଷୟରେ ଆଲୋକପାତ କରିଥିଲେ। ନିର୍ଦ୍ଦେଶକ ଛାତ୍ରୀଛାତ୍ରଙ୍କୁ ଏହି କାର୍ଯ୍ୟକ୍ରମ ଲାଭାନ୍ୱିତ କରିବ ବୋଲି ଆଶା ପୋଷଣ କରିଥିଲେ।

## ଅବକାରୀ ଚଢ଼ାଉ: ୪ ଗିରଫ, ମଦ ପୋଚ ନଷ୍ଟ

**ଝରିଗାଁ/ କୋଷାଗୁମୁଡ଼ା,୧୦।୧୧ (ସ୍ୱ.ପ୍ର./ଡି.ଏନ୍.ଏ.):** ନବରଙ୍ଗପୁର ଜିଲା ଅବକାରୀ ଅଧୀକ୍ଷକ ସନ୍ତୋଷ କୁମାର ଧଳସାମନ୍ତଙ୍କ ନିର୍ଦ୍ଦେଶକ୍ରମେ ଝରିଗାଁ ଓ କୋଷାଗୁମୁଡ଼ା ଅଞ୍ଚଳର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଛି। ଝରିଗାଁ ଅଞ୍ଚଳରେ ବିପୁଳ ପରିମାଣର ମହୁଲି, ପୋଚ ଆଦି ନଷ୍ଟ କରାଯିବା ସହ କୋଷାଗୁମୁଡ଼ା ବ୍ଲକର ୪ ଜଣଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତମାନେ ହେଲେ ଚିର୍ମା ଗ୍ରାମର କନକ କେଉଟ, ତୁଳସା କେଉଟ, ଚୁରୁଚୁଣ୍ଡା ଗ୍ରାମର ପାର୍ବତୀ ମାଝି ଓ ପଦମ ମାଝି। ଝରିଗାଁ ଥାନା ଅଧୀନ ଇଚ୍ଛାପୁର, ଚଚା ଏବଂ ଗାଗୁଡ଼ା ଅଞ୍ଚଳରେ ଚଢ଼ାଉ କରାଯାଇ ବିପୁଳ ପରିମାଣର ମଦ ଓ ପୋଚ ନଷ୍ଟ କରାଯାଇଥିବା ଅବକାରୀ ନିରୀକ୍ଷକ ହରିହର ସିଂ ସୂଚନା ଦେଇଛନ୍ତି। ଚଢ଼ାଉ ସମୟରେ ବିଭାଗୀୟ ଏଏସ୍ଆଇ ସୁନ୍ଦର କିଷାନି, କୁଶ ଜାଲ, ମାଖନ ହାଲ୍‌ଦାର, ସୁରେନ୍ଦ୍ର ପଣ୍ଡା, ଦେବାଶିଷ ଦାସ, ଜ୍ୟୋତ୍ସ୍ନା ହରିଜନ ଏବଂ କାଳିମୁନି ମୁଦୁଲି ପ୍ରମୁଖ ଉପସ୍ଥିତ ଥିଲେ। କୋଷାଗୁମୁଡ଼ାରେ ଚଢ଼ାଉରେ କୋଡ଼ିଙ୍ଗା ଅବକାରୀ ଉପନିରୀକ୍ଷକ ହରପ୍ରସାଦ ରଣା, କୋଡ଼ିଙ୍ଗା ଅବକାରୀ ସହ ଉପନିରୀକ୍ଷକ ଜଗବନ୍ଧୁ ଜାନି, ଅବକାରୀ ସହ ଉପନିରୀକ୍ଷକ ରାଜେନ୍ଦ୍ର ପଟ୍ଟନାୟକ, ଅବକାରୀ ସହ ଉପନିରୀକ୍ଷକ ଅମିୟ ଖଞ୍ଜା, ଅବକାରୀ କନଷ୍ଟେବଲ ଆକ୍ରମ ଖାନ, ବାଳକୃଷ୍ଣ ନାୟକ, ରଞ୍ଜି ଜାନି, ଗୁଡୁଲ ନାୟକ, ସନୁ ସେଠିଆ, ରିନା ବଡ଼ନାୟକ, ଦେବେନ୍ଦ୍ର ସମରଥ ଓ ରଞ୍ଜିତା ସିଂ ପ୍ରମୁଖ ସାମିଲ ଥିଲେ।

# କାମଚଳା କରି ପୋତିଦେଲେ ଗାତ, ବଢୁଛି ଦୁର୍ଘଟଣା ଆଶଙ୍କା

**ଉମରକୋଟ, ୧୦।୧୧(ସ୍ୱ.ପ୍ର.)**

ଉମରକୋଟ ସହରର ଡଙ୍ଗରିଗୁଡ଼ାରୁ ଦରଗାଗୁଡ଼ା ପର୍ଯ୍ୟନ୍ତ ୩ କି.ମି. ରାସ୍ତାରେ ରହିଥିବା ୧୨୭ ଗାତକୁ ପୂର୍ତ୍ତ ବିଭାଗ ପକ୍ଷରୁ ତରବରିଆ ଭାବେ ପୋତାଯାଇଛି। ଗାତରେ ପଥରଗୁଣ୍ଡ, ବାଲି ଗୋଡ଼ି ଆଦି ପକାଇ ସମତୁଲ କରାଯାଇଛି। କିନ୍ତୁ ଭଲରେ କାମ ହୋଇ ନ ଥିବାରୁ ମାତ୍ର ୨ ଦିନରେ ଏବେ ଗୋଡ଼ି ସବୁ ବାହାରେ ପଡ଼ିଛି। ଫଳରେ ରାସ୍ତା ଦେଇ ଯାଉଥିବା ଗାଡ଼ି ସବୁ ଦୁର୍ଘଟଣା ହେବା ଆଶଙ୍କା ରହିଛି ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।

ଉମରକୋଟ ସହର ମଧ୍ୟ ଦେଇ ରାଜ୍ୟ ରାଜପଥ ୩୯ ଓ ୪୦ ଯାଇଛି। ୩୯ ନମ୍ବର ରାଜ୍ୟ ରାଜପଥ ମଧ୍ୟରେ ଅନେକ ଗର୍ତ୍ତ ରହିଥିବା ନେଇ ଖବର ପ୍ରକାଶ ସହ ବାରମ୍ବାର ପୂର୍ତ୍ତ ବିଭାଗର ଦୃଷ୍ଟି ଆକର୍ଷଣ କରାଯାଇଛି। ଏହା ସତ୍ତ୍ୱେ ମଧ୍ୟ ଏଠାରେ କାମ ହୋଇପାରୁନାହିଁ। ସୋମବାର କେନ୍ଦ୍ରମନ୍ତ୍ରୀଙ୍କ ଗସ୍ତକୁ ଦୃଷ୍ଟିରେ ରଖି ବିଭାଗୀୟ ଅଧିକାରୀ ମୌନ ଭାଙ୍ଗି ତତ୍ପରତା ଦେଖାଇ ସମସ୍ତ ୧୨୭ ଗାତ ସହ ଅନ୍ୟ କେତେକ ଗର୍ତ୍ତକୁ ମଧ୍ୟ ପଥରଗୁଣ୍ଡ, ବାଲି, ଗୋଡ଼ି ମିଶା ମସଲା ଦ୍ୱାରା ସମତୁଲ କରିଛନ୍ତି। କିନ୍ତୁ କାମଟିକୁ ରାତାରାତି କରାଯାଇଛି। ଏଥିରେ ପାଣି ମଧ୍ୟ ପକାଯାଇ ନାହିଁ। ନିମ୍ନମାନର କାମ ହେତୁ ଉକ୍ତ ଗୋଡ଼ି ପଥରଗୁଣ୍ଡ


ଗାତରୁ ବାହାରି ରାସ୍ତାରେ ବିଛେଇହୋଇ ପଡ଼ିଥିବା ଗୋଡ଼ି ଓ ଚିପ୍ସ।

ଏବେ ରାସ୍ତାରେ ବିଛେଇହୋଇ ପଡୁଛି। ବିଭିନ୍ନ ସମୟରେ ବାଟୋଇ ଓ ଗାଡ଼ି ଚାଳକମାନେ ଦୁର୍ଘଟଣା ହେବା ଆଶଙ୍କା ରହିଛି। ସେ ସବୁକୁ ପିଚୁ ପକାଇଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ନେଇ ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ଘନଶ୍ୟାମ ପଣ୍ଡାଙ୍କୁ ପଚାରିବାରୁ ଗାତରେ ପଡ଼ିଥିବା ମସଲାର ପାଣି ଅଂଶ ଶୁଖିଯିବା ପରେ ପିଚୁ ପକାଯିବ ବୋଲି ସେ କହିଛନ୍ତି। ମଙ୍ଗଳବାର ଉମରକୋଟ ପୂର୍ତ୍ତ ବିଭାଗର କନିଷ୍ଠ ଯନ୍ତ୍ରୀ ବିଶୁଦ୍ଧାନନ୍ଦ ବେହେରାଙ୍କୁ ଘଟଣା ସମ୍ପର୍କରେ ପଚାରିବାରୁ, ତରବରିଆଭାବେ ମନ୍ତ୍ରୀଙ୍କ ଗସ୍ତକୁ ଦେଖି ମସଲା ପକାଯାଇଛି। ବୁଧବାର ପିଚୁ ପକାଯିବ ବୋଲି ସେ କହିଥିଲେ। କିନ୍ତୁ ବୁଧବାର କାମ ଆରମ୍ଭ ହୋଇ ନାହିଁ। ବୁଧବାର ପୁନଶ୍ଚ ତାଙ୍କୁ ଏ ସମ୍ପର୍କରେ ପଚାରିବାରୁ ଦିନେ ଦୁଇ ଦିନ ମଧ୍ୟରେ ପିଚୁ ପକା କାମ ହେବ ବୋଲି ସେ କହିଛନ୍ତି। କାମ ପୂରା ହେଉଛି ନା ପୁଣି କୌଣସି ମନ୍ତ୍ରୀଙ୍କ ଗସ୍ତ କାର୍ଯ୍ୟକ୍ରମ ପର୍ଯ୍ୟନ୍ତ ଏପରି ସମୟ ଗଡ଼ାଯିବ ତାହା ଦେଖିବା ବାକି ରହିଲା।

## ପଦ୍ମପୁରରେ ୭୦ତମ ଗୋ-ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ



**ପଦ୍ମପୁର,୧୦।୧୧(ଡି.ଏନ୍.ଏ.)**

ରାୟଗଡ଼ା ଜିଲାର ପଦ୍ମପୁରଠାରେ ୭୦ ତମ ଗୋ-ସମ୍ବର୍ଦ୍ଧନା ଉତ୍ସବ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଗୋ' ମାତା ପ୍ରଦର୍ଶନୀ ଓ ଗୋ' ପୂଜନ କରାଯାଇଥିଲା। ରାୟଗଡ଼ା ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଭରତ ଚନ୍ଦ୍ର ଗଡ଼ନାୟକଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଗୁଣପୁର ବିଧାୟକ ରଘୁନାଥ ଗମାଙ୍ଗ, ଉପଖଣ୍ଡ ପ୍ରାଣୀ ଚିକିତ୍ସାଧିକାରୀ ରାମାରାଓ ପାଳ, ଅତିରିକ୍ତ ଜିଲା ପ୍ରାଣୀ ଚିକିତ୍ସାଧିକାରୀ ପ୍ରଫୁଲ୍ଲ କୁମାର ସାହୁ, ଡିଆର୍‌ଡିଏ ପିଡି ଭୀମସେନ ଶବର, କୃଷ୍ଣାନନ୍ଦ ବେହେରା ପ୍ରମୁଖ ଉପସ୍ଥିତ ରହି ଗୋ' ପାଳନ ନିମନ୍ତେ ଉତ୍ସାହିତ କରିଥିଲେ। ଡା. ଚମ୍ପେଶ୍ୱର ଭରତିଆ ଏବଂ ଡା. ପାର୍ଥସାରଥୀ ସ୍ୱାଇଁ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଡିଆରଡିଏ ପିଡି କାର୍ଯ୍ୟକ୍ରମରେ ଯୋଗଦେଇ କହିଛନ୍ତି, ବାଲ୍ୟକାଳରୁ ଗୋ' ପାଳନ ଓ ଗୋ' ସେବା କରି ଚଳୁଥିଲି। ଗୋ' ମାତାଙ୍କ ଆଶୀର୍ବାଦରୁ ଏବେ ଏହି ସ୍ଥାନରେ ପହଞ୍ଚିପାରିଛି ବୋଲି ସେ କହିଛନ୍ତି।

## ‘ପୁରାତନ ସହରର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ତତ୍ପର’

**ରାୟଗଡ଼ା ଅଫିସ,୧୦।୧୧**

**ରାୟଗଡ଼ାରେ ଜିଲା ବିଜେଡି ପର୍ଯ୍ୟବେକ୍ଷକ**

ପଞ୍ଚାୟତ ନିର୍ବାଚନ ପାଇଁ ୨୨ ଜିଲା ପରିଷଦ ଆସନ ତାଲିକା ଚୂଡ଼ାନ୍ତ ହେବା ପରେ ଜିଲା ବିଜେଡି ପର୍ଯ୍ୟବେକ୍ଷକ ଅତନୁ ସବ୍ୟସାଚି ନାୟକ ରାୟଗଡ଼ା ଜିଲା ଗସ୍ତକରି ମଙ୍ଗଳବାର ସାଙ୍ଗଠନିକ ସ୍ଥିତି ସମୀକ୍ଷା ସହ ଦଳୀୟ ନେତାଙ୍କୁ ନେଇ ରଣନୀତି ପ୍ରସ୍ତୁତ କରିଛନ୍ତି। ଏହି ଅବସରରେ ସ୍ଥାନୀୟ ସର୍କିଟ ହାଉସ୍‌ଠାରେ ଏକ ସାମ୍ବାଦିକ ସମିଳନି କରି ରାୟଗଡ଼ା ଭଳି ପୂରାତନ ସହରର ବିକାଶ ପାଇଁ ରାଜ୍ୟ ସରକାର ସବୁବେଳେ ତତ୍ପର ବୋଲି କହିଛନ୍ତି। ୧୯୨୯ ରୁ ରାୟଗଡ଼ାକୁ ପୌର ପରିଷଦ ଭାବେ ଗ୍ରହଣ କରାଯାଇଛି। ଅଞ୍ଚଳର ଉନ୍ନତି ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି ଏବଂ ଅନେକ କାର୍ଯ୍ୟ ଆଗେଇଛି ବୋଲି ସେ କହିଛନ୍ତି। ଏଠାରେ ଏକ ଷ୍ଟାଡିୟମ ନିର୍ମାଣ ପାଇଁ ପୂର୍ବରୁ ୯ କୋଟି ଟଙ୍କା ଦିଆଯାଇଛି। ବସଷ୍ଟାଣ୍ଡ ଉନ୍ନତିକରଣ କାର୍ଯ୍ୟ ଚାଲିଛି। ପାନୀୟ ଜଳର ବ୍ୟବସ୍ଥା ପାଇଁ ୬୫ କୋଟି ଟଙ୍କା ଦିଆଯାଇଛି। ଏଥିସହ ମୁଖ୍ୟମନ୍ତ୍ରୀଙ୍କ ସହରାଞ୍ଚଳ ପାଇଁ ମୁକ୍ତା ଯୋଜନାରେ କିଛି ସ୍ୱତନ୍ତ୍ର ପ୍ରକଳ୍ପ କାର୍ଯ୍ୟକାରୀ କରିବାକୁ ପୂର୍ବତନ କାଉନସିଲର, ବୁଦ୍ଧିଜୀବୀ ଏବଂ ନାଗରିକମାନେ ଅନୁରୋଧ କରିଥିଲେ। ଜିମ୍, ପାଇପ ଲାଇନ ବ୍ୟବସ୍ଥା, ଗୋଷ୍ଠୀ କେନ୍ଦ୍ର ଆଦି ପ୍ରକଳ୍ପ କାମ ବିଭିନ୍ନ ୱାର୍ଡରେ କାର୍ଯ୍ୟକାରୀ କରାଯିବ ବୋଲି ୫-ଟି ସଚିବ ପ୍ରତିଶ୍ରୁତି ଦେଇଥିଲେ ବୋଲି ଜିଲା ପର୍ଯ୍ୟବେକ୍ଷକ ଏଠାରେ କହିଛନ୍ତି।

## ଯୁବତୀଙ୍କ ଭିଡିଓ ଭାଇରାଲ ଅଭିଯୋଗରେ ୫ ଅଟକ

**ରାଇଘର, ୧୦।୧୧(ଡି.ଏନ୍.ଏ.)**

ଜଣେ ଯୁବତୀଙ୍କ ସହ ଅସଦାଚରଣ କରି ଏହାର ଭିଡିଓ ଭାଇରାଲ ଅଭିଯୋଗରେ ରାଇଘର ପୋଲିସ ୫ ଜଣଙ୍କୁ ଅଟକ ରଖିଛି। ଅଟକ ଥିବା ସୋନପୁର ଗ୍ରାମର ୪ ଓ ଛତାବେଡ଼ା ଗ୍ରାମର ଜଣେ ଯୁବକଙ୍କୁ ପୋଲିସ ଘଟଣା ସମ୍ପର୍କରେ ଅଧିକ ପଚରାଉଚରା କରୁଛି। ସୂଚନାନୁଯାୟୀ, ରାଇଘର ଥାନା ଅଞ୍ଚଳର ଜଣେ ଯୁବତୀ ନିଜ ଭଉଣୀ ଘରକୁ କାଳୀପୂଜାରେ ବୁଲିବାକୁ ଯାଇଥିଲେ। ୭ ତାରିଖ ରାତି ୧୦ଟା ସମୟରେ ସେ ବାଥ୍‌ରୁମ୍‌ରୁ ବାହାରିବା ପରେ ସେଠାରେ ଥିବା ଭଉଣୀଙ୍କ ଦିଅର ଏବଂ ତାଙ୍କ ସାଙ୍ଗମାନେ ଯୁବତୀଙ୍କୁ ଟଣାଓଟରା କରିଥିଲେ। ଏହାପରେ ସେମାନେ ଗ୍ରାମର ଛକକୁ ନେଇ ଅସଦାଚରଣ କରିବା ସହ ଏହି ସମୟରେ ଭିଡିଓ ଭାଇରାଲ କରିଥିବା ପୀଡ଼ିତା ୯ ତାରିଖରେ ଥାନାରେ ଦେଇଥିବା ଏତଲାରେ ଉଲ୍ଲେଖ କରିଛନ୍ତି। ଘଟଣା ସମ୍ପର୍କରେ ଖବରପାଇ ତାଙ୍କ ବାପା ଭଉଣୀଘର ଗାଁକୁ ଆସି ପଚରାଉଚରା କରିବାରୁ ତାଙ୍କୁ ମାଡ଼ ମରାଯାଇଛି ବୋଲି ପୀଡିତା କହିଛନ୍ତି। ଏହି ଘଟଣାରେ ୫ ଜଣଙ୍କୁ ଅଟକ ରଖାଯାଇଛି। ଅନ୍ୟ କେତେଜଣ ଯୁବକଙ୍କୁ ପଚରାଉଚରା କରାଯିବ ବୋଲି ଥାନାଧିକାରୀ ଟଙ୍କଗିରି ଭୋଇ କହିଛନ୍ତି। ରାଇଘର ଓ ଉମରକୋଟ ଥାନା ପୋଲିସ ଘଟଣାର ତଦନ୍ତ କରୁଛନ୍ତି। ରାଇଘର ଥାନାରେ ୨୧୨/୨୧ ଏକ ମାମଲା ରୁଜୁ କରାଯାଇଥିବା ପୋଲିସ କହିଛି।

## ବିଜେଡିରେ ଯୋଗଦେଲେ ଶତାଧିକ କର୍ମୀ



**ଡାବୁଗାଁ,୧୦।୧୧(ଡି.ଏନ୍.ଏ.)**

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ବୋରିଗାଁ ପଞ୍ଚାୟତର ଖୁଡୁଗୁଡ଼ାଠାରେ ବ୍ଲକ ବିଜେଡିର କର୍ମୀ ସମ୍ମିଳନୀ ଓ ମିଶ୍ରଣ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ର କୁମାର ମିଶ୍ରଙ୍କ ଅଧକ୍ଷତାରେ ହୋଇଥିବା ବୈଠକରେ ମୁଖ୍ୟ ଅତିଥିଭାବେ ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି, ସମ୍ମାନିତ ଅତିଥି ରୂପେ ଡାବୁଗାଁ ବିଧାୟକ ମନୋହର ରନ୍ଧାରି, ନବରଙ୍ଗପୁର ଜିଲା ପରିଷଦ ଅଧକ୍ଷା ଭଗବତୀ ଭତ୍ରା, ଜିଲା ପରିଷଦ ଉପାଧକ୍ଷା ନିବେଦିତା ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ବିଭିନ୍ନ ଦଳରୁ ନନ୍ଦପୁରା ଗ୍ରାମର ଅନାଦୁ ସୁନାଙ୍କ ନେତୃତ୍ୱରେ ନନ୍ଦପୁରା ପଞ୍ଚାୟତର ୫୦, ଜୁନାପାଣି ପଞ୍ଚାୟତରୁ ୩୫, ଘୋଡାଖୁଣ୍ଟା ପଞ୍ଚାୟତରୁ ୩୦, କୋଇଲାରି ପଞ୍ଚାୟତରୁ ୧୦, ବଡଓଲମା ପଞ୍ଚାୟତରୁ ୧୧, ଜବାଗୁଡ଼ା ପଞ୍ଚାୟତରୁ ୧୭ ଜଣ ବିଜେଡିରେ ସାମିଲ ହୋଇଥିଲେ। ସମ୍ମିଳନୀରେ ଏମ୍‌ପିଙ୍କ ପ୍ରତିନିଧି ଏମ. ଆପ୍ପାରାଓ, ବିଧାୟକଙ୍କ ପ୍ରତିନିଧି ଏମ୍. ବୁଲୁ ରାଓ, ବିଜୟ କୁମାର ବେହେରା, ପି. ନାଗା, ପୂର୍ବତନ ସରପଞ୍ଚ ଜି. ପ୍ରକାଶ ରାଓ, ଗେଦୁ ପଟ୍ଟନାୟକଙ୍କ ସମେତ ଅନେକ ବିଜେଡି କର୍ମୀ ଉପସ୍ଥିତ ଥିଲେ।

## ପ୍ରତିବାଦ ସଭା କରି ଦାବି ରଖିଲେ ଆଶାକର୍ମୀ

**ଚନ୍ଦାହାଣ୍ଡି, ୧୦।୧୧(ଡି.ଏନ୍.ଏ.)**

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକରେ କାର୍ଯ୍ୟରତ ଆଶକର୍ମୀ ମାନେ ବୁଧବାର ସ୍ଥାନୀୟ ହାଟପଦା ଛକରୁ ଏକ ଶୋଭାଯାତ୍ରାରେ ବାହାରି ବ୍ଲକ କାର୍ଯ୍ୟାଳୟ ପହଞ୍ଚିଥିଲେ। ସେଠାରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ବିଡିଓଙ୍କୁ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଏବଂ ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକା ଓଡିଶାଙ୍କ ଉଦ୍ଦେଶ୍ୟରେ ୧୪ଦଫା ଦାବିପତ୍ର ପ୍ରଦାନ କରିଛନ୍ତି। ଏହାପରେ ଏକ ପ୍ରତିବାଦ ସଭା କରାଯାଇଥିଲା। ସେଠାରେ ଭାରତୀୟ ମଜଦୁର ସଂଘର ଜିଲା ସମ୍ପାଦକ ପରମେଶ୍ୱର ବିଷୋୟୀ ଉପସ୍ଥିତ ରହି ଆଶାକର୍ମୀଙ୍କ ବିଭିନ୍ନ ସମସ୍ୟା ଉପରେ ଉଦ୍‌ବୋଧନ ଦେଇଥିଲେ।

ଜାତୀୟ ସ୍ୱାସ୍ଥ୍ୟ ମିଶନକୁ ସ୍ଥାୟୀ କରିବା, ଆଶାକର୍ମୀଙ୍କୁ ମାସିକ ୧୮ ହଜାର ଟଙ୍କା ଦରମା, ଅତିରିକ୍ତ କାର୍ଯ୍ୟ ପାଇଁ ପ୍ରୋତ୍ସାହନ ରାଶି ପ୍ରଦାନ, ଇପିଏଫ୍, ଇଏସ୍ଆଇ, ପେନସନ ଓ ଗ୍ରାଚ୍ୟୁଇଟି ଯୋଗାଇବା, କାର୍ଯ୍ୟରତ ଥିବା ସମୟରେ ଦୁର୍ଘଟଣା ଜନିତ କିମ୍ବା ସାଧାରଣ ମୃତ୍ୟୁ ଘଟିଲେ ୫ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ, ୨ ଲକ୍ଷ ଟଙ୍କାର ଅବସରକାଳୀନ ସହାୟତା ରାଶି ପ୍ରଦାନ କରିବାକୁ ଦାବି ରହିଛି। ଏହି ଦାବିପତ୍ର ପ୍ରଦାନ ବେଳେ ଚନ୍ଦାହାଣ୍ଡି ବ୍ଲକ ଆଶାକର୍ମୀ ସଂଘ ସଭାପତି ଗଜମତୀ ମାଝି, ଉପସଭାପତି ସନ୍ତରା ଦଣ୍ଡସେନା ଓ ହେମଲତା ବାଘ , ସମ୍ପାଦିକା ମଙ୍ଗଳା ପୂଜାରୀ, ସହ ସମ୍ପାଦିକା କେସକୁମାରୀ ସାହୁ, ସରୋଜିନୀ ବାଘଙ୍କ ସମେତ ୧୫୦ ରୁ ଉର୍ଦ୍ଧ୍ୱ ଆଶାକର୍ମୀ ଉପସ୍ଥିତ ଥିଲେ।


ବିଡିଓ ଦାବିପତ୍ର ଗ୍ରହଣ କରୁଛନ୍ତି।

## ମହିଳାଙ୍କ ପାଇଁ ପ୍ରଣିତ ଆଇନ ବିଷୟରେ ଆଲୋଚନା

**ଡିଏଲ୍ଏସ୍ଏର ସ୍ୱତନ୍ତ୍ର ସଚେତନତା କାର୍ଯ୍ୟକ୍ରମ**

**ନବରଙ୍ଗପୁର,୯।୧୧(ବି.ପ୍ର.)**

ରାଷ୍ଟ୍ରୀୟ ଆଇନ ସେବା ପ୍ରାଧିକରଣ ଓ ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣର ନିର୍ଦ୍ଦେଶରେ ନବରଙ୍ଗପୁର ଜିଲା ଆଇନ ସେବା ପ୍ରାଧିକରଣ(ଡିଏଲ୍ଏସ୍ଏ) ପକ୍ଷରୁ ମହିଳାଙ୍କ ଉଦ୍ଦେଶ୍ୟରେ ଏକ ସତନ୍ତ୍ର ସଚେତନତା କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଡିଏଲ୍ଏସ୍ଏର ଅଧକ୍ଷ ତଥା ଜିଲା ଜଜ୍ ଅଶୋକ କୁମାର ପଣ୍ଡାଙ୍କ ନିର୍ଦ୍ଦେଶ କ୍ରମେ ଆୟୋଜିତ ସତନ୍ତ୍ର ଅଭିଯାନକୁ ପ୍ରାଧିକରଣର ସମ୍ପାଦିକା ଅନ୍ନପୂର୍ଣ୍ଣା ନାୟକ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ପରିବାର ବିଚାର ବିଭାଗୀୟ ଜଜ୍ ସଞ୍ଜୟ କୁମାର ସାହୁ, ଅତିରିକ୍ତ ଜିଲା ଜଜ୍ ପ୍ରଣୟ କୁମାର ଦାସ, ଜିଲା କୋର୍ଟର ରେଜିଷ୍ଟ୍ରାର ଅପର୍ଣ୍ଣା ମହାପାତ୍ର, ଉପଖଣ୍ଡ ବିଚାର ବିଭାଗୀୟ ଦଣ୍ଡାଧିକାରୀ ପ୍ରିୟ ରଞ୍ଜନ ଓଝା ଓ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଦଣ୍ଡାଧିକାରୀ ରାଜଶ୍ରୀ ଅରୟବାଳା ତ୍ରିପାଠୀ, ଆଇନଜୀବୀ ମିନାକ୍ଷୀ ପାଢ଼ୀ ଓ ଜେନିଫର ସୁନା ଯୋଗଦେଇ ମହିଳାଙ୍କ ପାଇଁ ପ୍ରଣିତ ଆଇନ ବିଷୟରେ ଆଲୋକପାତ କରିଥିଲେ। ସତନ୍ତ୍ର ସଚେତନତା ଶିବିରରେ ଜିଲା ପ୍ରଶାସନରୁ ବହୁ ଅଧିକାରୀ, ପୋଲିସ, ଅଙ୍ଗନୱାଡି କର୍ମୀ, ଆଶା ଓ କଲେଜ ଛାତ୍ରୀ ଯୋଗ ଦେଇଥିଲେ। ଏହାବ୍ୟତୀତ ରାଷ୍ଟ୍ରୀୟ ଆଇନ ସେବା ଦିବସ ଅବସରରେ ଡିଏଲ୍ଏସ୍ଏ ପକ୍ଷରୁ ନୂତନ ଜିଲା କୋର୍ଟ ପରିସରରେ ଆଉ ଏକ ସଚେତନତା ଶିବିର ଆଇନଜୀବୀଙ୍କୁ ନେଇ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲା ଜଜ୍ ଅଶୋକ କୁମାର ପଣ୍ଡା ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ପରିବାର ବିଚାର ବିଭାଗୀୟ ଜଜ୍, ଅତିରିକ୍ତ ଜିଲ୍ଲା ଜଜ୍, ଜିଲା କୋର୍ଟ ରେଜିଷ୍ଟ୍ରାର, ଉପଖଣ୍ଡ ବିଚାର ବିଭାଗୀୟ ଦଣ୍ଡାଧିକାରୀ ଓ ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ଦଣ୍ଡାଧିକାରୀ, ଆଇନଜୀବୀ ସଂଘର ସଭାପତି ଆଶିଷ ରଞ୍ଜନ ପଟ୍ଟନାୟକ, ଆଇନଜୀବୀ ରାଜ କିଶୋର ନାଗ ପ୍ରମୁଖ ଉପସ୍ଥିତ ଥିଲେ।

## ଚିକିତ୍ସାଳୟ ପରିସରରେ ମାଦକଦ୍ରବ୍ୟ ନିଷେଧ ଅଭିଯାନ

**ମାଲକାନଗିରି,୧୦।୧୧ (ଡି.ଏନ୍.ଏ.)**

ମାଲକାନଗିରି ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜିଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ପ୍ରଫୁଲ୍ଲ କୁମାର ନନ୍ଦଙ୍କ ନିର୍ଦ୍ଦେଶରେ ଜିଲାର ବିଭିନ୍ନ ଚିକିତ୍ସାଳୟ ଓ ମୁଖ୍ୟ ଚିକିତ୍ସାଳୟ ପରିସରରେ ମାଦକଦ୍ରବ୍ୟ ନିଷେଧ ଅଭିଯାନ ବୁଧବାର ଆରମ୍ଭ ହୋଇଛି। ଜିଲା ମେଡିକାଲ ଅଫିସର ତଥା ସୁପରିଣ୍ଟେଣ୍ଡେଣ୍ଟ ଡାକ୍ତର ଶିବପ୍ରସାଦ ମହାରଣାଙ୍କ ନେତୃତ୍ୱରେ ମୁଖ୍ୟ ଚିକିତ୍ସାଳୟ ମ୍ୟାନେଜର ଶଶାଙ୍କ ଶେଖର ପଣ୍ଡିତ୍ରା, ଅତିରିକ୍ତ ନର୍ସିଂ ସୁପରିଣ୍ଟେଣ୍ଡେଣ୍ଟ ଚାମେଲି ମଣ୍ଡଳ, ନର୍ସିଂ ଅଫିସର ଗୌରୀ ନାହକ, ସୁପରଭାଇଜର ନିବାସକାନ୍ତ ବିଶ୍ୱାସ, ଧର୍ମେନ୍ଦ୍ର ପାଠକ, ମନୋଜ ନାୟକ ପ୍ରମୁଖ ଏଥିରେ ସାମିଲ ହୋଇଛନ୍ତି। ସେମାନେ ଜିଲା ସଦର ମହକୁମା ହସ୍ପିଟାଲ ପରିସର ଓ ବିଭିନ୍ନ ୱାର୍ଡ ପରିଦର୍ଶନ କରି ରୋଗୀ ଓ ତାଙ୍କ ସମ୍ପର୍କୀୟଙ୍କଠାରୁ ଗୁଟ୍‌ଖା, ଖଇନି, ବିଡ଼ି, ସିଗାରେଟ, ପାନ ଆଦି ମାଦକଦ୍ରବ୍ୟ ଜବତ କରିଥିଲେ। ଏଗୁଡ଼ିକୁ ପୋଡ଼ି ନଷ୍ଟ କରାଯାଇଛି। ଏଥିସହ ଚିକିତ୍ସାଳୟର ମୁଖ୍ୟ ଫାଟକ ଦେଇ ଆସୁଥିବା ବ୍ୟକ୍ତିଙ୍କୁ ଯାଞ୍ଚ କରାଯାଇ ସେମାନଙ୍କଠାରୁ ଗୁଟ୍‌ଖା, ଖଇନି, ବିଡ଼ି, ସିଗାରେଟ, ପାନ ଆଦି ଜବତ କରାଯାଉଛି।

## ପାନୀୟ ଜଳ ଯୋଗାଣରେ ସମସ୍ୟା, ଲୋକେ ଅସନ୍ତୋଷ

**ପଦ୍ମପୁର, ୧୦।୧୧(ଡି.ଏନ୍.ଏ.)**

ରାୟଗଡ଼ା ଜିଲା ପଦ୍ମପୁର ବ୍ଲକରେ ପାନୀୟ ଜଳକୁ ନେଇ ଦିନକୁ ଦିନ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଗ୍ରାମ୍ୟ ଜଳ ଯୋଗାଣ ବିଭାଗର ଖାମ ଖିଆଲ କାର୍ଯ୍ୟ ଯୋଗୁ ଲୋକେ କୂଅ ପୋଖରୀ ଆଦିର ପାଣି ବ୍ୟବହାର କରୁଛନ୍ତି। ମଙ୍ଗଳବାର ବ୍ଲକ କାର୍ଯ୍ୟାଳୟକୁ ଆସିଥିବା ଗୁଣପୁର ବିଧାୟକ ରଘୁନାଥ ଗମାଙ୍ଗ, ଭାରପ୍ରାପ୍ତ ପିଡି ଭୀମସେନ ଶବର ଓ ବିଡିଓ ଦୟାମୟ ପାଢିଙ୍କୁ ଅଟକ ରଖି ନିଜ ଦାବି ଜଣାଇଥିଲେ। ଖୁବ୍‌ଶୀଘ୍ର ପୁରୁଣା ପାଇପ ମରାମତି କରି ପଦ୍ମପୁର ଓ ଇନ୍ଦୁପୁର ଅଞ୍ଚଳକୁ ଜଳ ଯୋଗାଣ କରାଯିବ ବୋଲି ବିଧାୟକ ନିର୍ଦ୍ଦେଶ ଦେଇଥିଲେ। ପଦ୍ମପୁର ଜଗମଣ୍ଡା ପାହାଡ ଉପରେ ଥିବା ନୂତନ ଟାଙ୍କିର କାର୍ଯ୍ୟ ସରିଛି। ସାହି ମାନଙ୍କୁ ଜଳ ଯୋଗାଣ ପାଇଁ ପାଇପ ବିଛା କାର୍ଯ୍ୟ ଚାଲିଛି। ଅଧିକାରୀମାନଙ୍କ ଯୋଗୁ କାର୍ଯ୍ୟ ମନ୍ଥର ଅଭିଯୋଗ ହେଉଛି। ଏ ନେଇ ଗ୍ରାମ୍ୟ ଜଳ ଯୋଗାଣ ନିର୍ବାହୀ ଯନ୍ତ୍ରୀ ପ୍ରତାପ ଚନ୍ଦ୍ର ବେହେରାଙ୍କୁ ପଚାରିବାରୁ ସମସ୍ତ କାର୍ଯ୍ୟ ଯେପରି ଜଲଦି ସରିବ ଏବଂ ଲୋକେ ସୁବିଧାରେ ପାଣି ପାଇବେ ତାହାର ବ୍ୟବସ୍ଥା କରାଯାଉଛି ବୋଲି କହିଛନ୍ତି। ବିଡିଓଙ୍କୁ ପାନୀୟ ଜଳ ସମସ୍ୟା ସମାଧାନ ପାଇଁ ଏକ ଦାବିପତ୍ର ଦିଆଯାଇଛି। ଏହି ସମୟରେ ତ୍ରିପତି ପ୍ରସାଦ ନିଶଙ୍କ, ରଘୁନନ୍ଦନ ନାୟକ, ମହେଶ ନାୟକ, ପ୍ରଦୀପ ସାହୁ, କୁଲୁ ପାଣିଗ୍ରାହୀ, ବାବୁଲା ସାହୁଙ୍କ ସହ ଗ୍ରାମର ବହୁ ଲୋକେ ସାମିଲ ଥିଲେ।


ଅସନ୍ତୁଷ୍ଟ ଲୋକଙ୍କୁ ବୁଝାଉଛନ୍ତି ବିଧାୟକ।

## ବସୁନି ଡିଏଲ୍‌ପିସି ବୈଠକ, ଖରିଫ ମଣ୍ଡି ବିଳମ୍ବ ଆଶଙ୍କା

**କୁନ୍ଦୁରା,୧୦।୧୧(ଡି.ଏନ୍.ଏ.)**

କୋରାପୁଟ ଜିଲା କୁନ୍ଦୁରା ବ୍ଲକ୍‌ଠାରେ ଚଳିତ ଖରିଫ ଋତୁରେ ଧାନ ଅମଳ ଚାଲିଥିବା ବେଳେ ମଣ୍ଡି ଆରମ୍ଭ ହୋଇ ନ ଥିବାରୁ ଧାନ ବିକ୍ରିରେ ବିଳମ୍ବ ହେବା ନେଇ ଆଶଙ୍କା ପ୍ରକାଶ ପାଇଛି। ଗତ ୭ତାରିଖରେ ଜିଲାସ୍ତରୀୟ ପ୍ରକ୍ୟୁର୍‌ମେଣ୍ଟ ବୈଠକ ବସିବାକୁ ସମସ୍ତ ସଭ୍ୟ ତଥା ପ୍ରଶାସନିକ ଅଧିକାରୀଙ୍କୁ ଅବଗତ କରାଯାଇଥିଲା। ମାତ୍ର କୌଣସି କାରଣରୁ ଉକ୍ତ ବୈଠକ ବାତିଲ ହୋଇଥିଲା। ବାରମ୍ବାର ଲଘୁଚାପଜନିତ ବର୍ଷା ଯୋଗୁ କେତେକ ଚାଷୀଙ୍କ ଧାନ ଅଳ୍ପକେ ବର୍ତ୍ତି ଯାଇଥିବା ବେଳେ ଆଗାମୀ ଦିନରେ ପୁଣି ଏକ ଲଘୁଚାପ ହେବାର ରହିଛି। ମଣ୍ଡି ହେବାରେ ବିଳମ୍ବ ହେତୁ ଚାଷୀ ଚିନ୍ତାରେ ରହିଛନ୍ତି। ଅନ୍ୟପକ୍ଷରେ କୁନ୍ଦୁରା ବ୍ଲକର କୌଣସି ସ୍ଥାନରେ ମଣ୍ଡି ସ୍ଥଳ ନ ଥିବାରୁ ଚାଷୀ ଅସ୍ଥାୟୀ ମଣ୍ଡିସ୍ଥଳରେ ଧାନ ଗଦେଇବାକୁ ବାଧ୍ୟ ହେଉଛନ୍ତି। ଏହାକୁ ନେଇ ବିଭିନ୍ନ ସମୟରେ କୁନ୍ଦୁରା ବ୍ଲକ୍‌ରେ ଥିବା କୃଷକ କଲ୍ୟାଣ ମଞ୍ଚ ପ୍ରଶାସନ ନିକଟରେ ଏହାର ସ୍ଥାୟୀ ସମାଧାନ କରିବା ଲାଗି ଦାବି କରିଆସୁଛି।


ରାସ୍ତାରେ ଧାନ ଗଦେଇଛନ୍ତି ଚାଷୀ।

ଭର୍ଚ୍ୟୁଆଲ୍ ମାଧ୍ୟମରେ ହେବାକୁ ଥିବା ପ୍ରକ୍ୟୁର୍‌ମେଣ୍ଟ ବୈଠକକୁ ମଧ୍ୟ ମଞ୍ଚ ଉପଦେଷ୍ଟା ରାଧାନାଥ ଭଞ୍ଜ ନାପସନ୍ଦ କରିଛନ୍ତି। ମଣ୍ଡି ବିଳମ୍ବ ଯୋଗୁ କ୍ଷୁଦ୍ର ଚାଷୀମାନେ ଦଲାଲଙ୍କ ହାବୁଡ଼ରେ ପଡି ଅଭାବୀ ବିକ୍ରିର ଶିକାର ହେବେ ବୋଲି ମତ ପ୍ରକାଶ ପାଉଛି। ମଣ୍ଡି ବ୍ୟବସ୍ଥା ସୁଧାରିବା ନିମନ୍ତେ ଚାଷୀ ସଙ୍ଗଠନ ପକ୍ଷରୁ ବିଭିନ୍ନ ସମୟରେ ରାଜ୍ୟ ସରକାରଙ୍କ ନିକଟରେ ଦାବି କରାଯାଉଥିଲେ ମଧ୍ୟ ସମସ୍ୟା ସୁଧୁରୁନାହିଁ। କେବେ ଜିଲା ସ୍ତରରେ ପ୍ରୋକ୍ୟୁରମେଣ୍ଟ ବୈଠକ ହେବ ଏବଂ କେବେ ମଣ୍ଡି ଶୁଭାରମ୍ଭ ହେବ ତାହା ଏଯାଏ ସ୍ପଷ୍ଟ ହୋଇନାହିଁ। ବ୍ଲକ୍ କୃଷକ କଲ୍ୟାଣ ମଞ୍ଚ ସମ୍ପାଦକ ନରେନ୍ଦ୍ର ପ୍ରଧାନ କହିଛନ୍ତି ଯେ, ପ୍ରଶାସନ ଜାଣିଶୁଣି ମଣ୍ଡି ଶୁଭାରମ୍ଭ କରିବାରେ ବିଳମ୍ବ କରୁଛି। ଏହାଦ୍ୱାରା ଚାଷୀ ପ୍ରଶାସନର ଧାର୍ଯ୍ୟ ସମୟକୁ ଅପେକ୍ଷା କରି ନ ପାରି ଦଲାଲ ହାବୁଡ଼ରେ ପଡି ଅଭାବୀ ବିକ୍ରିର ଶିକାର ହେବେ। ନିୟମାନୁଯାୟୀ ଖରିଫ୍ ଧାନ ମଣ୍ଡି ନଭେମ୍ବର ଦ୍ୱିତୀୟ ସପ୍ତାହ ସୁଦ୍ଧା ଆରମ୍ଭ ହେବା କଥା। ଏହାକୁ ପ୍ରାସନ ଗୁରୁତ୍ୱ ଦେଉନାହିଁ ବୋଲି ପ୍ରଧାନ କହିଛନ୍ତି। ମଣ୍ଡି ଯେତେ ଡେରି ହେବ ଚାଷୀ ସେତେ ଶୋଷଣର ଶିକାର ହେବେ। ମିଲର୍ସ ମାନେ ଚାଷୀଙ୍କ ସହ ମୂଲଚାଲ କରିବାକୁ ସୁଯୋଗ ପାଇବେ

ବୋଲି ପ୍ରଧାନ ଅଭିଯୋଗ କରିଛନ୍ତି। ଜିଲା ପ୍ରଶାସନ ତୁରନ୍ତ ଏ ଦିଗରେ ପଦକ୍ଷେପ ନେଇ ମଣ୍ଡି ଆରମ୍ଭ କରିବାକୁ ଚାଷୀମାନେ ଦାବି କରିଛନ୍ତି।

## ନୋଡାଲ ହାଇସ୍କୁଲରେ ଶିକ୍ଷକ ପଦବୀ ପୂରଣ ଦାବି

### ୫-ଟି କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ

**ମୁନିଗୁଡ଼ା,୧୦।୧୧(ଡି.ଏନ୍.ଏ.)**

ରାୟଗଡ଼ା ଜିଲା ମୁନିଗୁଡ଼ା ନୋଡାଲ ହାଇସ୍କୁଲରେ ଦୀର୍ଘ ଦିନ ଧରି ଖାଲି ପଡ଼ିଥିବା ଶିକ୍ଷକ ଓ କର୍ମଚାରୀ ପଦବୀ ପୂରଣ ନିମନ୍ତେ ଦାବି ହୋଇଛି। ସ୍କୁଲରେ ୮ ପଦବୀ ମଧ୍ୟରୁ ମାଧ୍ୟମିକ ସ୍ତରରେ ୫ ପଦବୀ ଯଥା ଜଣେ ବିଜ୍ଞାନ ଶିକ୍ଷକ, ୨ କଳା ଶିକ୍ଷକ, ଗୋଟିଏ ହିନ୍ଦି ଶିକ୍ଷକ ଓ ଜଣେ କନିଷ୍ଠ କିରାଣୀ ଏବଂ ପ୍ରାଥମିକ ସ୍ତରରେ ୩ ପଦବୀ ପୂରଣର ଆବଶ୍ୟକ ରହିଛି। ଶିକ୍ଷକଙ୍କ ଅଭାବ ଯୋଗୁ ଶିକ୍ଷାଦାନରେ ସମସ୍ୟା ହେଉଛି। ୧୯୬୬ରେ ସ୍ଥାପିତ ଏହି ସ୍କୁଲ ଏକ ଶିକ୍ଷାନୁଷ୍ଠାନ ରୂପେ ପରିଚିତ। ଏଠାରେ ପ୍ରଥମରୁ ଦଶମ ଶ୍ରେଣୀରେ ୫ଶହରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କ ପାଇଁ ଶିକ୍ଷାଦାନର ବ୍ୟବସ୍ଥା ରହିଛି। ସରକାର ଏହି ବିଦ୍ୟାଳୟର ଉନ୍ନତିକରଣ ପାଇଁ ୫-ଟି ଅଧୀନ ସ୍ମାର୍ଟ ସ୍କୁଲ କାର୍ଯ୍ୟକ୍ରମରେ ସାମିଲ କରିଛନ୍ତି। ଅଗ୍ରାଧିକାର ଭିତ୍ତିରେ ୫-ଟି ଅଧୀନ ସ୍କୁଲମାନଙ୍କରେ ଶିକ୍ଷକ ନିଯୁକ୍ତି ପାଇଁ ମଧ୍ୟ ଲକ୍ଷ୍ୟ ରହିଛି। ମୁନିଗୁଡ଼ା ନୋଡାଲ ହାଇସ୍କୁଲରେ ୮ ପଦବୀ ଖାଲି ପଡ଼ିଥିବାରୁ ବିଇଓ ଏବଂ ଡିଇଓଙ୍କ ସମେତ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟିଦେଇ ଶୀଘ୍ର ଏଠାରେ ଶିକ୍ଷକ ନିଯୁକ୍ତି ନେଇ ପଦକ୍ଷେପ ନିଅନ୍ତୁ ବୋଲି ବିଦ୍ୟାଳୟ ଏସ୍ଏମ୍ସି କମିଟିର ସଦସ୍ୟା, ସଦସ୍ୟ ଏବଂ ଅଭିଭାବକମାନେ ଦାବି କରିଛନ୍ତି।

## ନକଲି ମଦ ତିଆରି କରି ଜଣେ ଗିରଫ

ନବରଙ୍ଗପୁର, (ବି.ପ୍ର.): କୋଷାଗୁମୁଡା ବ୍ଲକ ମୁଣ୍ଡାଗୁଡା ଗ୍ରାମରେ ବ୍ରହ୍ମପୁର ଅବକାରୀ ଗୁଇନ୍ଦା ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ବିପୁଳ ପରିମାଣର ବିଦେଶୀ ବ୍ରାଣ୍ଡର ନକଲି ମଦ ଜବତ କରାଯାଇଛି। ଅବକାରୀ କମିନର ଓ ଡେପୁଟି କମିଶନରଙ୍କ ନିର୍ଦ୍ଦେଶକ୍ରମେ ବ୍ରହ୍ମପୁର ଅବକାରୀ ଗୁଇନ୍ଦା ବିଭାଗ ବୁଧବାର ଚଢାଉ କରି ବିଭିନ୍ନ ବ୍ରାଣ୍ଡର ନକଲି ମଦ ସହ ୨ଶହ ଖାଲି ବୋତଲ, ୪୦ ଲିଟର ସ୍ପିରିଟ୍ ଓ ୧ ଲିଟର କାରିମିଲ୍ ଜବତ କରାଯାଇଛି। ମୁଣ୍ଡାଗୁଡା ଗ୍ରାମର ସିତାରାମ ପ୍ରଧାନଙ୍କ ଘରେ ଅବକାରୀ ବିଭାଗ ପକ୍ଷରୁ ଚଢାଉ କରାଯାଇ ତାଙ୍କୁ ଗିରଫ କରାଯାଇଛି। ସିତାରାମଙ୍କ ଘରେ ଏହି ମଦ ତିଆରି ହେଉଥିଲା। ଏଗୁଡିକୁ ପରୀକ୍ଷା ପାଇଁ ଲେବ୍ରୋଟେରୀକୁ ପଠାଯିବ ବୋଲି ସୂଚନା ମିଳିଛି। ଚଢାଉରେ ଏସ୍ଆଇ ବିଶ୍ୱଜିତ ଦାସଙ୍କ ସମେତ ଏଏସ୍ଆଇ ତରୁଣ ପାତ୍ର, ଜେ.ଜେ.ନାୟକ, କେ.ଚନ୍ଦ୍ର ଶେଖର ରେଡ୍ଡି, କପିଳ ଭତ୍ରା, ସିତାରାଣୀ ମୁର୍ମୁ, ସୁମିତ୍ରା ସାହୁ, ଶୁବ୍ରତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ରାସ୍ତା ଖରାପ, ସମସ୍ୟାରେ ଗ୍ରାମବାସୀ

ମାଲକାନଗିରି,୧୦।୧୧(ଡି.ଏନ.ଏ.)


ଖରାପ ହୋଇପଡ଼ିଥିବା ରାସ୍ତା।

■ ମରାମତି ହେଉ ନ ଥିବାରୁ ଖାଲଖମା ହୋଇଗଲାଣି
■ ବର୍ଷାଦିନେ ଆହୁରି ଶୋଚନୀୟ ହୋଇପଡ଼େ
■ ଆମ୍ବୁଲାନ୍ସ ଆସିପାରୁ ନ ଥିବାରୁ ଗୁରୁତର ରୋଗୀ ସଙ୍କଟରେ

ରାଜ୍ୟ ଓ କେନ୍ଦ୍ର ସରକାର ପ୍ରତ୍ୟେକ ଗ୍ରାମକୁ ବିଭିନ୍ନ ଯୋଜନାରେ ପକ୍କା ସଡ଼କ ନିର୍ମାଣ କରୁଛନ୍ତି। ଲୋକଙ୍କ ପାଇଁ ଯୋଜନା ପରେ ଯୋଜନା ହେଉଥିଲେ ସୁଦ୍ଧା ଏଥିରୁ ସେମାନେ ଉପକୃତ ହେଉନାହାନ୍ତି। ପ୍ରଶାସନିକ ଅବହେଳା ଏବଂ ବିଭାଗୀୟ ଅଧିକାରୀଙ୍କ ମନମୁଖି କାର୍ଯ୍ୟ ପାଇଁ ଅନେକ ଯୋଜନା କାଗଜକଲମରେ ସୀମିତ ରହିଯାଉଛି। ଏପରି ଦେଖିବାକୁ ମିଳିଛି ମାଲକାନଗିରି ଜିଲା ଖଇରପୁଟ ବ୍ଲକ କବରକୁଣ୍ଡ ଗ୍ରାମରେ। ଏହି ଗ୍ରାମରେ ୩୦ରୁ ଊର୍ଦ୍ଧ୍ୱ ପରିବାର ବସବାସ କରନ୍ତି। ଗ୍ରାମରୁ ବାହାରକୁ ଯିବାକୁ ଗୋଟିଏ ମାତ୍ର ରାସ୍ତା ଅଛି, ଯାହାକି ପଞ୍ଚାୟତ ସହ ବିଭିନ୍ନ ସ୍ଥାନକୁ ସଂଯୋଗ କରୁଛି। ବର୍ତ୍ତମାନ ସେହି ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ବର୍ଷାଦିନେ ରାସ୍ତା ଅବସ୍ଥା ଆହୁରି ଖରାପ ହୋଇପଡ଼େ। ଏହି ରାସ୍ତାରେ ଗ୍ରାମର ଛାତ୍ରୀଛାତ୍ର, ଗ୍ରାମବାସୀ ଯାତାୟାତ ବେଳେ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ମରାମତି ହେଉ ନ ଥିବାରୁ ରାସ୍ତାରେ ବଡ଼ବଡ଼ ଗର୍ତ୍ତ ସୃଷ୍ଟି ହୋଇ ଖାଲଖମା ହୋଇଗଲାଣି। ବାଇକ୍ କିମ୍ବା ସାଇକେଲରେ ଯିବା ମଧ୍ୟ କଷ୍ଟକର ହୋଇପଡୁଛି। ଅନେକ ସମୟରେ ଦୁର୍ଘଟଣାମାନ ଘଟୁଛି। ଆମ୍ବୁଲାନ୍ସ ଆସିପାରୁ ନ ଥିବାରୁ ଆବଶ୍ୟକ ସମୟରେ ଗୁରୁତର ରୋଗୀମାନେ ସଙ୍କଟରେ ପଡୁଛନ୍ତି। ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେଇ ରାସ୍ତା ମରାମତି କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ସଂକ୍ଷେପରେ

### ବିଜେଡିରେ ଯୋଗଦେଲେ ଅନ୍ୟ ଦଳର କର୍ମୀ
### ବିଜେଡିର କର୍ମୀ ସମ୍ମିଳନୀ

ଟିକିରି,୧୦।୧୧(ଡି.ଏନ୍.ଏ.): ରାୟଗଡ଼ା ଜିଲା କାଶୀପୁର ବ୍ଲକ ପୋଡ଼ାପାଡି ପଞ୍ଚାୟତର ବଡ଼ ମାଟିକଣା ଡଙ୍ଗାମୁଣ୍ଡି ପଡ଼ିଆ ଠାରେ ବୁଧବାର ବିଜେଡିର କର୍ମୀ ସମ୍ମିଳନି ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଞ୍ଚାୟତର ୧୧ ୱାର୍ଡର ସମସ୍ତ ବିଜେଡି କର୍ମୀ ଉପସ୍ଥିତ ରହି ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ତୃଣମୂଳ ସ୍ତରରୁ କିପରି ବିଜେଡି ସମର୍ଥନରେ ୱାର୍ଡସଭ୍ୟ, ସରପଞ୍ଚ, ସମିତି ସଭ୍ୟ ଓ ଜିଲା ପରିଷଦ ସସଦ୍ୟମାନେ ନିର୍ବାଚିତ ହୋଇ ନିଜ ଅଞ୍ଚଳର ବିକାଶ ପ୍ରତି ଧ୍ୟାନ ଦେବେ ସେ ନେଇ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ଅନ୍ୟ ଦଳର ଯୁବ ସଙ୍ଗଠକ ଓ କର୍ମୀମାନେ ମୁଖ୍ୟମନ୍ତ୍ରୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜେଡିରେ ଯୋଗ ଦେଇଥିବା ଜଣାପଡ଼ିଛି। କାର୍ଯ୍ୟକ୍ରମରେ ପଞ୍ଚାୟତ ସଭାପତି ସୁଧୀର ଖରା, ବିଜେଡି ନେତା ଦୟାନିଧି ଖୋସ୍ଲା, ବିଜୟ ରତ୍ନ ଚୌଧୁରୀ, ରାମ କୁମ୍ବାର, ଭିକାରୀ ମାଝୀ ଓ ପଞ୍ଚାୟତ ଛାତ୍ର ସଭାପତି ଗୋପାଳ କୃଷ୍ଣ ବେହେରା, ପଞ୍ଚାୟତ ଯୁବ ସଭାପତି ପ୍ରସାଦ ମାଝୀ ଏବଂ ବ୍ଲକ ବିଜେଡି ଉପ ସଭାପତି ଚନ୍ଦ୍ରଶେଖର ପାତ୍ର ପ୍ରମୁଖ ଉପସ୍ଥିତ ରହି ଦଳୀୟ ନିର୍ଦ୍ଦେଶ କ୍ରମେ ସରପଞ୍ଚ ପ୍ରାର୍ଥୀ ଲିଲାବତି ମଣ୍ଡିଙ୍ଗା ଓ ସମିତି ସଭ୍ୟ ସାଇକ ମାଝିଙ୍କୁ ସର୍ବ ସମ୍ମତି କ୍ରମେ ବିଜେଡି ସମର୍ଥିତ ପ୍ରାର୍ଥୀ ଭାବେ ଘୋଷଣା କରାଯାଇଛି। ଯୁବନେତା ସତ୍ୟା ମାଝି, ବିଜୁ ମାଝି, ଗୁଣ ମାଝି, ମଙ୍ଗଳ ଦାନ ନାୟକ, ପାଲାସ ନାୟକ, ଗଙ୍ଗାଧର ସାହାଣୀ, ଉଦୟ ମାଝି ପ୍ରମୁଖ ପରିଚାଳନା କରିଥିଲେ।

### ବି.ସିଂହପୁର ଥାନାର ନବନିର୍ମିତ କୋଠା ଉଦ୍‌ଘାଟିତ



ବୋରିଗୁମ୍ମା,୧୦।୧୧(ଡି.ଏନ.ଏ.): କୋରାପୁଟ ଜିଲା ବୋରିଗୁମ୍ମା ବ୍ଲକ ଅନ୍ତର୍ଗତ ତାରାଭଟାସ୍ଥିତ ବି.ସିଂହପୁର ଥାନାର ନୂତନ କୋଠା ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ଅଭୟ ଭର୍ଚୁଆଲ ମାଧ୍ୟମରେ ଏହାକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଦକ୍ଷିଣାଞ୍ଚଳ ଡିଆଇଜି ରାଜେଶ ପଣ୍ଡିତ, କୋରାପୁଟ ଏସ୍‌ପି ବରୁଣ ଗୁଣ୍ଟୁପାଲି, ବୋରିଗୁମ୍ମା ଏସ୍‌ଡିପିଓ ହରେକୃଷ୍ଣ ମାଝି, ବୋରିଗୁମ୍ମା ଆଇଆଇସି ବିଶ୍ୱଜିତ ମହାନ୍ତି, ଥାନା ଅଧିକାରୀ ଦାମୋଦର ବିହାରୀ, ବ୍ଲକ ଅଧ୍ୟକ୍ଷା ବିମଳା ଚାଲାଣ,ବିଡିଓ ପ୍ରଣୟ ରଞ୍ଜନ ବେହେରା, ତହସିଲଦାର ସୁବାସ ଚନ୍ଦ୍ର ରଉତ ପ୍ରମୁଖ ଉପସ୍ଥିତ ଥିଲେ। ପୋଲିସ ଏବଂ ଜନତାଙ୍କ ମଧ୍ୟରେ କିଭଳି ସୁସମ୍ପର୍କ ରହିପାରିବ,ଅଞ୍ଚଳରେ ଆଇନ ଶୃଙ୍ଖଳା ଠିକ୍ ରୂପେ ରକ୍ଷା ହୋଇପାରିବ ସେନେଇ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। ସୂଚନାଯୋଗ୍ୟ, ବି. ସିଂହପୁର ଅଞ୍ଚଳରେ ୧୯୪୯ରେ ଏହି ଥାନା ପ୍ରତିଷ୍ଠା ହୋଇଥିଲା। ଥାନା ଉପରେ ବ୍ଲକର ୧୭ଟି ପଞ୍ଚାୟତର ୧୭୨ଟି ଗ୍ରାମର ପାଖାପାଖି ୭୦ ହଜାର ଲୋକ ନିର୍ଭର କରୁଛନ୍ତି। ଆଗାମୀ ଦିନରେ ବୋରିଗୁମ୍ମା ଓ ବି.ସିଂହପୁର ଥାନା କର୍ମଚାରୀଙ୍କ ପାଇଁ କ୍ୱାର୍ଟର୍ସ ନିର୍ମାଣ ହେବ ବୋଲି ଏସ୍‌ପି ଗୁଣ୍ଟୁପାଲି କହିଛନ୍ତି।

### ଜିଲାରେ ଲୋକସଂଖ୍ୟା ତୁଳନାରେ କ୍ଷୀର ଉତ୍ପାଦନ କମ୍

ମାଲକାନଗିରି,୧୦।୧୧(ଡି.ଏନ୍.ଏ.): ମାଲକାନଗିରି ଜିଲା ଏମ୍‌ଭି-୭ ବିଦ୍ୟାଳୟ ପଡ଼ିଆରେ ବୁଧବାର ଜିଲାସ୍ତରୀୟ ୭୦ ତମ ଗୋ ସମ୍ବର୍ଦ୍ଧନା ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ରୂପେ ଏମ୍‌ପି ରମେଶ ଚନ୍ଦ୍ର ମାଝି, ଅନ୍ୟତମ ଅତିଥି ରୂପେ ଜିଲା ପରିଷଦ ଅଧ୍ୟକ୍ଷ ଦଶରଥ ପଡିଆମି, ସମ୍ମାନିତ ଅତିଥି ରୂପେ ମାଲକାନଗିରି ବିଧାୟକ ଆଦିତ୍ୟ ମାଢ଼ି, ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା, ଜିଲାପାଳ ବିଶାଳ ସିଂ ଯୋଗ ଦେଇଥିଲେ। ଗୋପ୍ରାଣୀ ସୁରକ୍ଷା ସହ ଗୋପାଳନ ପାଇଁ ସରକାର ବିଭିନ୍ନ ଯୋଜନା କରୁଥିବାରୁ ଅନେକ ଗ୍ରାମରେ ଗ୍ରାମବାସୀ ଗୋପାଳନ କରି ସ୍ୱାବଲମ୍ବୀ ହୋଇପାରିଛନ୍ତି। ସରକାର ଗୋପାଳନ ବୃଦ୍ଧି କରିବା ପାଇଁ ଗ୍ରାମଗୁଡ଼ିକରେ ପ୍ରାଣୀ ଚିକିତ୍ସକଙ୍କ ସହ ଗୁହାଳ ନିର୍ମାଣ ପାଇଁ ସରକାରୀ ପ୍ରୋତ୍ସାହନ ମଧ୍ୟ ଯୋଗାଇଦେଉଛନ୍ତି। ଗୋଟିଏ ଗାଈ ରଖିଲେ ଜଣେ ମାସିକ କେତେ କ୍ଷୀର ପାଇବା ସହ କେଉଁ ପ୍ରଜାତିର ଗାଈ ପାଳିବେ ଅତିଥିମାନେ ଚାଷୀଙ୍କୁ ବୁଝାଇଥିଲେ। ମାଲକାନଗିରି ଲୋକସଂଖ୍ୟା ତୁଳନାରେ କ୍ଷୀର କମ୍ ଉତ୍ପାଦନ ହେଉଛି। ଯେଉଁମାନେ ଗାଈ ପାଳନ କରିବାକୁ ଚାହୁଁଛନ୍ତି ସେମାନେ ବିଭାଗୀୟ ଅଧିକାରୀଙ୍କଠାରୁ ସମସ୍ତ ତଥ୍ୟ ସଂଗ୍ରହ କରିପାରିବେ ବୋଲି ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଅଶୋକ ତ୍ରିପାଠୀ କହିଥିଲେ।

## ଯୁଗ୍ମ କୃଷି ନିର୍ଦ୍ଦେଶକଙ୍କ ନବରଙ୍ଗପୁର ଗସ୍ତ

ଡାବୁଗାଁ, ୧୦।୧୧(ଡି.ଏନ୍.ଏ.)

ରାଜ୍ୟ ଯୁଗ୍ମ କୃଷି ନିର୍ଦ୍ଦେଶକ ବ୍ରଜ କିଶୋର ଲେଙ୍କା ବୁଧବାର ନବରଙ୍ଗପୁର ଜିଲା ଗସ୍ତ କୃଷି ଫାର୍ମ ପରିଦର୍ଶନ କରିଛନ୍ତି। ସେ ଗୁରୁବାର କଳାହାଣ୍ଡି ଗସ୍ତ କରିବେ। କୋରାପୁଟ ଓ ମାଲକାନଗିରି ଗସ୍ତ ସାରି ବୁଧବାର ନବରଙ୍ଗପୁର ଜିଲାସ୍ଥିତ ଡାବୁଗାଁ ଓ ଉମରକୋଟ ଫାର୍ମ ପରିଦର୍ଶନ କରି ଶଷ୍ୟ କାଟ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ରୋଗ ପୋକ ଦାଉରୁ ଫସଲ ସୁରକ୍ଷା ଓ ଶସ୍ୟ ସଂରକ୍ଷଣ ଉପରେ ବ୍ୟାପକ ପରାମର୍ଶ ଦେଇ ଥିଲେ। ଉମରକୋଟ ବ୍ଲକ ବେନରା ପଞ୍ଚାୟତ ଖୁଟୁଗୁଡା ଗ୍ରାମରେ ବିହନ ବିଶୋଧନ କାର୍ଯ୍ୟ କ୍ରମରେ ଯୋଗ ଦେଇ ବିହନ ବିଶୋଧକ ବଣ୍ଟନ କରିଥିଲେ। ଏହାପରେ ମୁଖ୍ୟ ଜିଲା କୃଷି ଅଧିକାରୀ କାର୍ଯ୍ୟାଳୟରେ ବିଭିନ୍ନ ଫସଲର ବିବିଧ କରଣ ଯୋଜନା, ରୋଗପୋକ, କ୍ଷୟକ୍ଷତି ଉପରେ ଆଲୋଚନା କରିବା ସହ କୃଷକମାନଙ୍କୁ କୀଟ ନାଶକ ରିହାତି ଦରରେ ବଣ୍ଟନ ବ୍ୟବସ୍ଥା କରିଥିଲେ। ଡାବୁଗାଁ ଫାର୍ମ ବୁଲି ଧାନ ଫସଲ ଦେଖି ଖୁସି ବ୍ୟକ୍ତ କରିଥିଲେ।

# ଅସମ୍ପୂର୍ଣ୍ଣ ପ୍ରକଳ୍ପ ଶୀଘ୍ର ସାରିବାକୁ ପରାମର୍ଶ


ଏମ୍‌ପି ରମେଶ ଚନ୍ଦ୍ର ମାଝି, ମାଲକାନଗିରି ବିଧାୟକ ଆଦିତ୍ୟ ମାଢ଼ି, ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

କୋରୁକୋଣ୍ଡା,୧୦।୧୧(ଡି.ଏନ୍.ଏ.)

**ପଞ୍ଚାୟତ ସମିତି ବୈଠକ**

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ବ୍ଲକ ଅଧ୍ୟକ୍ଷା ସାବିତ୍ରୀ ପଡ଼ିଆମୀଙ୍କ ସଭାପତିତ୍ୱରେ ପଞ୍ଚାୟତ ସମିତି ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ରୂପେ ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି ,ସମ୍ମାନିତ ଅତିଥି ଭାବେ ମାଲକାନଗିରି ବିଧାୟକ ଆଦିତ୍ୟ ମାଢ଼ି, ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା, ବ୍ଲକ ଉପାଧ୍ୟକ୍ଷ ଈର୍ମା ପଡ଼ିଆମୀ, ଜିଲା ପରିଷଦ ଅଧ୍ୟକ୍ଷ ଦଶରଥ ପଡ଼ିଆମୀ, ଜିଲା ପରିଷଦ ସଭ୍ୟ ବିଜୟ ବୈରାଗୀ, ବ୍ଲକ ଏମ୍‌ପି ପ୍ରତିନିଧି ମଦନ ଖୋସ୍‌ଲା, ବିଧାୟକ ପ୍ରତିନିଧି ସତ୍ୟ ପାଣିଗ୍ରାହୀ, ଏସ୍. ମହେଶ୍ୱର ରାଓ,ବିଡିଓ ଅଂଶୁମାନ ମହାପାତ୍ରଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ଏବଂ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ବୈଠକରେ ଶିକ୍ଷା, ସ୍ୱାସ୍ଥ୍ୟ, ମହିଳା ଓ ଶିଶୁ ବିକାଶ, ଜଳ ଓ ପରିମଳ, ବନ ବିଭାଗ, ଶ୍ରମ ବିଭାଗ, ପ୍ରାଣୀ ଚିକିତ୍ସା, ଜଳ ବିଭାଜିକା, ଉଠାଜଳସେଚନ ପ୍ରକଳ୍ପ ସମେତ ବ୍ଲକ ଅଧୀନରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଉପରେ ସମୀକ୍ଷା କରାଯାଇଥିଲା। ଅସମ୍ପୂର୍ଣ୍ଣ ଥିବା ଉନ୍ନୟନମୂଳକ କାର୍ଯ୍ୟ ଓ ପ୍ରକଳ୍ପଗୁଡ଼ିକୁ ଶୀଘ୍ର ଶେଷ କରିବାକୁ ଏମ୍‌ପି ଓ ବିଧାୟକ ପରାମର୍ଶ ଦେଇଥିଲେ। ଗ୍ରାମଗୁଡ଼ିକରେ ଅଚଳ ଥିବା ନଳକୂପ ଓ ପାନୀୟ ଜଳ ପ୍ରକଳ୍ପଗୁଡ଼ିକୁ ତୁରନ୍ତ କାର୍ଯ୍ୟକ୍ଷମ କରି ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇଦେବାକୁ ବିଭାଗୀୟ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବୈଠକରେ ଅବକାରୀ ବିଭାଗ, ପୋଲିସ, ଅଗ୍ନିଶମ ବିଭାଗ, ରାଜସ୍ୱ ବିଭାଗ, ପୂର୍ତ୍ତ ବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧିକାରୀମାନେ ଅନୁପସ୍ଥିତ ଥିବାରୁ ମଞ୍ଚାସୀନ ଅତିଥିମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ କାମବେ ଗ୍ରାମରେ ହେଇଥିବା ଅଙ୍ଗନୱାଡି କର୍ମୀ ନିଯୁକ୍ତିକୁ ବିରୋଧକରି ସରପଞ୍ଚ ଓ ଗ୍ରାମବାସୀ ଏ ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏମ୍‌ପି ବିଧାୟକଙ୍କୁ ଦାବିପତ୍ର ଦେଇଥିଲେ। କାର୍ଯ୍ୟାନୁଷ୍ଠାନ ନ ହେଲେ ଗ୍ରାମରେ ଥିବା ଦୁଇଟି ଅଙ୍ଗନୱାଡି କେନ୍ଦ୍ରରେ ତାଲା ଠୁକିବେ ବୋଲି ଚେତାବନୀ ଦେଇଥିଲେ । ବ୍ଲକ ଯୋଗାଣ ନିରୀକ୍ଷକ ବ୍ୟୋମକେଶ ମାଝି ଧନ୍ୟବାଦ ଦେଇଥିଲେ।

# ଦାବି ପୂରଣ ନ ହେବାରୁ ଶିକ୍ଷକଙ୍କ ଆମରଣ ଅନଶନ

ମାଲକାନଗିରି,୧୦।୧୧ ଡି.ଏନ.ଏ.)


ଆମରଣ ଅନଶନରେ ବସିଥିବା ଶିକ୍ଷକ ମନୋଜ।

ଦୀର୍ଘଦିନରୁ ଚାକିରିରେ ସ୍ଥାୟୀ ତଥା ପଦୋନ୍ନତି ଦାବିକରି ଆସୁଥିବା ଶିକ୍ଷକମାନଙ୍କୁ ଏ ଦିଗରେ କୌଣସି ସୁଫଳ ନ ମିଳିବାରୁ ବୁଧବାର ବାଧ୍ୟହୋଇ ସେମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଆମରଣ ଅନଶନରେ ବସିଥିଲେ। ଜିଲା ଶିକ୍ଷାଧିକାରୀଙ୍କ ପ୍ରତିଶ୍ରୁତି ପରେ ସେମାନେ ଏଥିରୁ ଓହରିଥିଲେ। ଖବରରୁ ଜଣାପଡ଼ିଛି ମାଲକାନଗିରି ଜିଲା ସ୍ୱାଭିମାନ ଅଞ୍ଚଳର ଯୋଡ଼ାଆମ୍ବ ପ୍ରାଥମିକ ବିଦ୍ୟାଳୟରେ ୨୦୧୧ରୁ ମନୋଜ କୁମାର ସାମଲ ୧୧ ବର୍ଷ ହେଲା କନିଷ୍ଠ ଶିକ୍ଷକ ରୂପେ କାର୍ଯ୍ୟ କରୁଥିଲେ। ସରକାରୀ ନିୟମ ଅନୁଯାୟୀ ସେ ୨ ବର୍ଷ ତଳୁ ରେଗୁଲାର ତଥା ସ୍ଥାୟୀ ଶିକ୍ଷକ ହେବା କଥା। ମାତ୍ର ନିୟମ ଥିଲେ ମଧ୍ୟ ମନୋଜ ରେଗୁଲାର ଶିକ୍ଷକ ହୋଇପାରୁନାହାନ୍ତି। ଏ ସମ୍ପର୍କରେ ସେ ବାରମ୍ବାର ଜିଲା ଶିକ୍ଷା ଅଧିକାରୀ ଓ ଜିଲାପାଳଙ୍କୁ ଜଣାଇଥିଲେ ସୁଦ୍ଧା କେହି ଶୁଣୁ ନ ଥିବା ସେ ଅଭିଯୋଗ କରିଛନ୍ତି। ଏହାର ସମାଧାନ ପାଇଁ ଶେଷରେ ସେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନରେ ବସିଥିଲେ। ଘଟଣା ଜିଲା ଶିକ୍ଷା ଅଧିକାରୀ ଜାଣିବା ପରେ ତାଙ୍କ ସମସ୍ୟାର ସମାଧାନ କରିବେ ବୋଲି ପ୍ରତିଶ୍ରୁତି ଦେଇ ବୁଝାଶୁଝା କରିବା ପରେ ମନୋଜ ଅନଶନରୁ ଓହରିଥିଲେ।

## ଛାତ୍ରୀଙ୍କୁ ନେଇ ଚିନ୍ତାରେ ବିଦ୍ୟାଳୟ କର୍ତ୍ତୃପକ୍ଷ

ଜୟପୁର,୧୦।୧୧ (ନି.ପ୍ର. )

କରୋନା କଟକଣା ଯୋଗୁ ଦୀର୍ଘଦିନ ପରେ ବିଦ୍ୟାଳୟ ଖୋଲିଛି। ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବିଭାଗର ହାଇସ୍କୁଲଗୁଡ଼ିକ ମଧ୍ୟ ନିକଟରେ ଖୋଲିଛି। ତେବେ ୧୫ଦିନ ନ ବିତୁଣୁ ଛାତ୍ରୀନିବାସର ଜଣେ ଛାତ୍ରୀ ଗର୍ଭବତୀ ଥିବା ପରି ଘଟଣା ହରଡ଼ାପୁଟ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଚିନ୍ତା ବଢାଇ ଦେଇଛି। ଛାତ୍ରୀ ଜଣକ ଗର୍ଭବତୀ ଥିବା ଜାଣିବା ପରେ, ବିଦ୍ୟାଳୟ କର୍ତ୍ତୃପକ୍ଷ ଛାତ୍ରୀଙ୍କ ମା'ଙ୍କୁ ଡକାଇ ଘଟଣା ସମ୍ପର୍କରେ ଜଣାଇଛନ୍ତି। ଏନେଇ ଛାତ୍ରୀଙ୍କ ମା' ବୋରିଗୁମ୍ମା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏହାକୁ ଭିତ୍ତିକରି ପୋଲିସ ବଳାତ୍କାର ଓ ପୋକ୍ସୋ ଆକ୍ଟରେ ମାମଲା ରୁଜୁ କରିବା ସହ ଘଟଣାର ତଦନ୍ତକରି ଏଥିରେ ସମ୍ପୃକ୍ତ ଯୁବକଙ୍କୁ ଗିରଫ କରିଛି। ତେବେ ବିଦ୍ୟାଳୟ ପରିସରରେ ଥିବା ସମୟରେ ଛାତ୍ରୀ ଜଣକ ଗର୍ଭବତୀ ହୋଇଥିବା କୁହାଯାଉଛି। ପୋଲିସ ଏପର୍ଯ୍ୟନ୍ତ ବିଦ୍ୟାଳୟ କର୍ତ୍ତୃପକ୍ଷ କିମ୍ବା ଦାୟିତ୍ୱରେ ଥିବା ମହିଳା ସ୍ୱାସ୍ଥ୍ୟକର୍ମୀଙ୍କୁ ପଚରାଉଚରା କରିନାହିଁ। ଘଟଣା ନେଇ ବିଦ୍ୟାଳୟ ପ୍ରଧାନ ଶିକ୍ଷକ କୌଣସି ପ୍ରତିକ୍ରିୟା ଦେବାକୁ ମନା କରିଥିବା ଥାନା ଅଧିକାରୀ ବିଶ୍ୱଜିତ ମହାନ୍ତି କହିଛନ୍ତି। ସମ୍ପୃକ୍ତା ଛାତ୍ରୀଙ୍କୁ ବୁଧବାର କୋରାପୁଟ ସିଡବ୍ଲୁସି ନିକଟରେ ହାଜର କରାଯାଇ ତାଙ୍କର କାଉନସେଲିଂ କରାଯାଇଛି। ତାଙ୍କର ଶାରୀରିକ ଅବସ୍ଥା ଠିକ୍ ନ ଥିବାରୁ ତାଙ୍କୁ କୋରାପୁଟସ୍ଥିତ ଶିଶୁ ସହାୟକ କେନ୍ଦ୍ରରେ ରଖାଯାଇଥିବା ସିଡବ୍ଲୁସି ଅଧ୍ୟକ୍ଷା ଗାୟିତ୍ରୀ ଦେବୀ କହିଛନ୍ତି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ପ୍ରକୃତ ରହସ୍ୟ ଉନ୍ମୋଚନ ହେବ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି।

# 'ଗୋପାଳନ କରି ଯୁବପିଢ଼ି ଆତ୍ମନିର୍ଭରଶୀଳ ହୋଇପାରିବେ'

ଉମରକୋଟ, ୧୦।୧୧(ସ୍ୱ.ପ୍ର.)


ଅତିଥି ଗୋମାତାଙ୍କୁ ବନ୍ଦାପନା କରୁଛନ୍ତି।

ଉମରକୋଟ ବ୍ଲକ୍ ଯୁଭି ୧୨ ଖାଣ୍ଡାରେ ୭୦ତମ ଗୋ ସମ୍ବର୍ଦ୍ଧନା ମହୋତ୍ସବ ପାଳିତ ହୋଇଯାଇଛି। ପ୍ରଥମେ ଗୋମାତାଙ୍କ ପ୍ରଦର୍ଶନୀ ଓ ବନ୍ଦାପନା କରାଯାଇଥିଲା। ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ରମେଶ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ଝରିଗାଁ ବିଧାୟକ ପ୍ରକାଶ ମାଝି ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। କ୍ଷୀର ସହ ଏଥିରୁ ମିଳୁଥିବା ପନିର, ଛେନା, ଘିଅ ଆଦିକୁ ବିକ୍ରି କଲେ ଚାଷୀ ଲାଭବାନ୍ ହୋଇପାରିବେ ବୋଲି ସେ କହିଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ବ୍ଲକ ଚେୟାରମ୍ୟାନ ଲାଇବାନ ଭକ୍ତ, ବରିଷ୍ଠ ଶିକ୍ଷାବିତ ଉମେଶ ଚନ୍ଦ୍ର ଭୁକ୍ତା, ବିଭାସ ମାଝି, ମିତୁଲା ପୂଜାରୀ, ଅଜିତ୍ ପ୍ରଧାନ, ବିଜେଡି ଜିଲା ସଂଯୋଜକ ପ୍ରମୋଦ ପାତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ। ଡାକ୍ତର ସୌମ୍ୟରଞ୍ଜନ ପତି ମଞ୍ଚ ପରିଚାଳନା କରିଥିଲେ। ଗୋପାଳନ ଓ ଏହାର ଉପକାରିତା ସମ୍ପର୍କରେ ଅତିଥିମାନେ ମତ ଦେଇଥିଲେ। ଗୋସୁରକ୍ଷା ପାଇଁ ସମସ୍ତେ ତତ୍ପର ହେବା ଜରୁରୀ ବୋଲି ଅତିଥି କହିଥିଲେ। ଗୋପାଳନ କରି ଯୁବପିଢ଼ି ଆତ୍ମନିର୍ଭରଶୀଳ ହୋଇପାରିବେ ବୋଲି କାର୍ଯ୍ୟକ୍ରମରେ ମତ ପ୍ରକାଶ ପାଇଛି। କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରକାର ଉନ୍ନତ ମାନର ଗାଈ ଓ ବାଛୁରୀ ପ୍ରଦର୍ଶନ କରାଯାଇଥିଲା। କେତେଜଣ ଚାଷୀଙ୍କୁ ପୁରସ୍କୃତ କରାଯାଇଛି। କାର୍ଯ୍ୟକ୍ରମ ପରିଚାଳନାରେ ଉମରକୋଟ ପଶୁ ଚିକିତ୍ସାଳୟର ପ୍ରକାଶ ମହାନ୍ତି, ଡାକ୍ତର ରଶ୍ମିତା ମାଳି, ଆଶିଷ ମହାପାତ୍ର, ଶ୍ରୀନିୟା ମୁର୍ମୁ, ଗୀତା ଗୋଲଦାର, କ୍ଷମାଧର ନାୟକ, ମନବଦ ନାୟକ ପ୍ରମୁଖ ସହଯୋଗ କରିଥିଲେ।

# ପ୍ରସବ ପରେ ଆଦାୟ କରାଯାଉଛି ଅର୍ଥ

ବୈପାରୀଗୁଡା,୧୦।୧୧ (ଡି.ଏନ୍.ଏ.)

**ଜନନୀ ସୁରକ୍ଷା ଯୋଜନା ବାଟବଣା**

ସୁରକ୍ଷିତ ପ୍ରସବ ପାଇଁ ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ଅନେକ ଯୋଜନା କାର୍ଯ୍ୟକାରୀ ହେଉଛି। ମେଡିକାଲ୍‌ରେ ପ୍ରସବ ପାଇଁ ଗ୍ରାମାଞ୍ଚଳ ଲୋକଙ୍କୁ ସଚେତନ କରାଯାଉଛି। ମାତ୍ର କୋରାପୁଟ ଜିଲା ବୈପାରିଗୁଡା ମେଡିକାଲ୍‌ରେ ପ୍ରସବ ପରେ ପ୍ରସୁତିଙ୍କ ପରିବାର ଲୋକଙ୍କଠାରୁ ଅର୍ଥ ଆଦାୟ କରାଯାଉଥିବା ଅଭିଯୋଗ ହେଉଛି । ଖବରରୁ ଜଣାପଡିଛି ବୈପାରୀଗୁଡା ବ୍ଲକ ଚିପାକୁର ପଞ୍ଚାୟତ କାଦଆମ୍ବ ଗ୍ରାମର ମାଧବ ସାନ୍ତାଙ୍କ ସ୍ତ୍ରୀ ଜୟଶ୍ରୀ ସାନ୍ତା ପ୍ରସବ ଲାଗି ମଙ୍ଗଳବାର ବୈପାରୀଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିଲେ। ରାତିରେ ତାଙ୍କର ଏକ ପୁତ୍ର ସନ୍ତାନ ଜନ୍ମ ହୋଇଥିଲା। ବୁଧବାର ସକାଳେ ଜଣେ ମହିଳା ସ୍ୱାସ୍ଥ୍ୟକର୍ମୀ ମାଧବଙ୍କୁ କେତେକ କାଗଜପତ୍ରରେ ଦସ୍ତଖତ କରିବାକୁ କହିଥିଲେ। ପରେ ମାଧବଙ୍କୁ କହି ସ୍ଥାନୀୟ ଆଶାକର୍ମୀଙ୍କୁ ଡକାଇଥିଲେ। ମାଧବଙ୍କୁ ବାହାରେ ଅପେକ୍ଷା କରିବାକୁ କହି ଆଶାକର୍ମୀଙ୍କ ହାତରେ ୨ ଶହ ଟଙ୍କା ଦେବାକୁ ଖବର ଦେଇଥିଲେ। ମାଧବଙ୍କ ପାଖରେ ଟଙ୍କା ନ ଥିବାରୁ ୨ ଶହ ଟଙ୍କା ବଦଳରେ ଶହେ ଟଙ୍କା ଦେଇଥିଲେ। ମାତ୍ର ମାଧବ ଘରକୁ ଆସିବାକୁ ଡିସ୍‌ଚାର୍ଜ ବେଳେ ସମ୍ପୃକ୍ତ ସ୍ୱାସ୍ଥ୍ୟ କର୍ମୀ ବାକି ଶହେ ଦାବି କରିଥିଲେ। ଏପରିକି ଅଟୋ ଭଡା କରି ସ୍ତ୍ରୀପିଲାଙ୍କୁ ଘରକୁ ନେବାର ତାଙ୍କର ସାମର୍ଥ୍ୟ ଥିବା ବେଳେ ତାଙ୍କୁ କାହିଁକି ୨ ଶହ ଟଙ୍କା ଦେବେ ନାହିଁ ବୋଲି ସେ ଯୁକ୍ତି କରିଥିଲେ। ଏ ସମ୍ପର୍କରେ ମାଧବଙ୍କଠାରୁ ଅଭିଯୋଗ ପାଇବା ପରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ଅଧିରାଜ ସାହୁଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଡାକ୍ତରଙ୍କ ତାଗିଦ୍ ପରେ ମହିଳା ସ୍ୱାସ୍ଥ୍ୟକର୍ମୀ ଜଣକ ନେଇଥିବା ଶହେ ଟଙ୍କା ମାଧବଙ୍କୁ ଫେରାଇଥିଲେ। ସ୍ୱାସ୍ଥ୍ୟକର୍ମୀଙ୍କୁ ଏ ସମ୍ପର୍କରେ କାରଣ ଦର୍ଶାଅ ନୋଟିସ୍ ଦେବା ସହ ତାଙ୍କୁ ମେଡିକାଲ୍‌ରୁ ବିଦା କରାଯିବ ବୋଲି ଡାକ୍ତର ସାହୁ କହିଛନ୍ତି।

# ବ୍ୟକ୍ତିଗତ ଜମିରେ ଖୋଳି ପାଇପ ବିଛାଇଛି ଠିକା ସଂସ୍ଥା

ବିଷମକଟକ,୧୦।୧୧(ଡି.ଏନ୍.ଏ.)

**ମେଗା ପାନୀୟ ଜଳ ପ୍ରକଳ୍ପ**

■ଆର୍‌ଡବ୍ଲ୍ୟୁଏସ୍‌ଏସ୍ ବିଭାଗର କାର୍ଯ୍ୟକୁ ନେଇ ପ୍ରଶ୍ନ
■ଜିଲାପାଳଙ୍କ ନିର୍ଦ୍ଦେଶରେ କାମ ହେଉଛି: ଠିକା ସଂସ୍ଥା



ରାୟଗଡ଼ା ଜିଲାର ବିଷମକଟକଠାରେ ପାଇପ ଯୋଗେ ଜଳ ଯୋଗାଣ ନିମନ୍ତେ ମେଗା ପାନୀୟ ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟ ଚାଲିଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଏକ ଘରୋଇ ଠିକା ସଂସ୍ଥାକୁ ଏହି କାମ ଦିଆଯାଇଛି। ତେବେ ଦାୟିତ୍ୱରେ ଥିବା ଠିକା ସଂସ୍ଥା ଏବଂ ସ୍ଥାନୀୟ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ(ଆର୍‌ଡବ୍ଲ୍ୟୁଏସ୍‌ଏସ୍) ବିଭାଗର କାର୍ଯ୍ୟକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଦାୟିତ୍ୱରେ ଥିବା ଠିକା ସଂସ୍ଥା ବ୍ୟକ୍ତିଗତ ସମ୍ପତ୍ତି ଉପରେ ବେଆଇନ ଭାବେ ପାଇପ୍ ବିଛାଇବାକୁ ନେଇ ଉକ୍ତ ଜାଗାର ମାଲିକ ଅସନ୍ତୋଷ ପ୍ରକାଶ କରିଛନ୍ତି।

ସୂଚନାଯୋଗ୍ୟ, ବିଷମକଟକସ୍ଥିତ ମାଁ ମାର୍କମା ମନ୍ଦିର ଛକଠାରୁ ରାୟଗଡ଼ା ରୋଡ୍‌କୁ ସଂଯୋଗ କରୁଥିବା ସ୍ଥାନ ଦେଇ ପ୍ରକଳ୍ପ କାମ ଚାଲିଛି। ଏହାର ଖାତା ନମ୍ବର ୬୭/୫୭୬, ପ୍ଲଟ ନମ୍ବର ୪୪୪/୯୧୮ ରହିଛି। ଉକ୍ତ ସ୍ଥାନ ଦେଇ ଠିକା ସଂସ୍ଥା ବେଆଇନଭାବେ ଖୋଳି ପାଇପ୍ ବିଛାଇ ଚାଲିଛି । କାମ କରିବା ପୂର୍ବରୁ ଉକ୍ତ ଜମି ମାଲିକଙ୍କ ଅନୁମତି ନିଆଯାଇ ନାହିଁ। ଜମି ମାଲିକ ଏ ନେଇ ପ୍ରକଳ୍ପ ଦାୟିତ୍ୱରେ ଥିବା ଠିକା ସଂସ୍ଥାର କର୍ମଚାରୀଙ୍କୁ ଯୋଗାଯୋଗ କରିବାରୁ ତାଙ୍କୁ ଉକ୍ତ ସ୍ଥାନରେ କାମ କରିବାକୁ ସ୍ଥାନୀୟ ପୂର୍ତ୍ତ ବିଭାଗ ଅଧିକାରୀ ମୌଖିକ ଭାବେ କହିଥିବା ସେ ପ୍ରକାଶ କରିଛନ୍ତି। ଏଥିସହ ଏ ସମ୍ପର୍କରେ ଜିଲାପାଳଙ୍କ କାର୍ଯ୍ୟାଳୟରୁ ତାଙ୍କ ପାଖରେ ଲିଖିତ ଆଦେଶ ରହିଛି ବୋଲି ଠିକା ସଂସ୍ଥା କର୍ମଚାରୀ ଅଜୟ କୁମାର ବେହେରା ସ୍ପଷ୍ଟ କରିଥିଲେ। ଅନ୍ୟପକ୍ଷରେ ଏହି ପାଇପ୍‌ଲାଇନ ବିଛାଇବା କାମରେ ପୂର୍ତ୍ତ ବିଭାଗର କୌଣସି ଭୂମିକା ନାହିଁ ବୋଲି ପୂର୍ତ୍ତ ବିଭାଗ ସଫେଇ ଦେଇଛି। ତେବେ ବିବାଦ ଘନେଇବା ଦେଖି କାମ ସମ୍ପୂର୍ଣ୍ଣହେବା ପରେ ଖୋଦ୍ ଠିକା ସଂସ୍ଥା ଲିଖିତ ଆକାରରେ ଭୁଲ ସ୍ୱୀକାର କରି ଜାଗା ମାଲିକଙ୍କୁ ଏକ ଚିଠି ପ୍ରଦାନ କରିଥିବା ଜଣାପଡ଼ିଛି। ଏମିତିକି ତାଙ୍କୁ ଏହି କାର୍ଯ୍ୟ କରିବା ପାଇଁ ଜିଲା ପ୍ରଶାସନ ଏବଂ ଅନ୍ୟ ବିଭାଗ ପକ୍ଷରୁ ନିର୍ଦ୍ଦେଶ ରହିଥିବା କୁହାଯାଇଛି। ରାୟଗଡ଼ାସ୍ଥିତ ରାସ୍ତା ଓ କୋଠାବାଡ଼ି ବିଭାଗ ସହକାରୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ପତ୍ର ସଂଖ୍ୟା ୪୬୪୭, ତା-୭.୯.୨୧ ଅନୁଯାୟୀ ଏବଂ ଜିଲାପାଳଙ୍କ ଉପସ୍ଥିତିରେ କରାଯାଇଥିବା ଏକ ସଭାରେ ଏହି ନିଷ୍ପତ୍ତି ନିଆଯାଇଥିବା ଠିକା ସଂସ୍ଥାର କର୍ମଚାରୀ ଦୃଢୋକ୍ତି ପ୍ରକାଶ କରିଛନ୍ତି । ତେବେ ଉକ୍ତ ଚିଠିରେ ଥିବା ନିର୍ଦ୍ଦେଶ ଅନୁଯାୟୀ, ଜାଗା ଖୋଳିବା ପୂର୍ବରୁ ଆବଶ୍ୟକ ଅନୁମତି କିମ୍ବା କାମ କରିବା ପରେ ଉକ୍ତ ସ୍ଥାନକୁ ପୂର୍ବାବସ୍ଥାକୁ ଫେରାଇ ଆଣିବା କାମ ମଧ୍ୟ କରାଯାଇ ନ ଥିବା ଜମି ମାଲିକ କହିଛନ୍ତି। ପ୍ରାୟ ୪୦୦ଫୁଟ ଖୋଳି ପାଇପ ବିଛାଇବା ପରେ କେବଳ ମାଟି ଘୋଡ଼ାଇ କାମ ସାରିଦେଇଥିବା ସେ କହିଛନ୍ତି । ଅନ୍ୟପକ୍ଷରେ ଠିକା ସଂସ୍ଥା ଓ ଆର୍‌ଡବ୍ଲ୍ୟୁଏସ୍‌ଏସ୍ ଦ୍ୱାରା ପ୍ରଦାନ କରାଯାଇଥିବା ନିର୍ଦ୍ଦେଶ ପତ୍ରର ସତ୍ୟତା ପ୍ରମାଣ ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟରୁ ଆର୍‌ଟିଆଇରେ ତଥ୍ୟ ହାସଲ କରିବି ବୋଲି ଜମି ମାଲିକ କହିଛନ୍ତି। ଯଦି ଏହା ଜିଲାପାଳଙ୍କ ଜ୍ଞାତରେ ହୋଇଥାଏ ତେବେ ରାୟଗଡ଼ା ଆର୍‌ଡବ୍ଲ୍ୟୁଏସ୍‌ଏସ୍, ଜିଲାପାଳଙ୍କ କାର୍ଯ୍ୟାଳୟ ଏବଂ ଠିକା ସଂସ୍ଥା ବିରୋଧରେ ଆଇନା ଆଶ୍ରୟ ନେବାକୁ ବାଧ୍ୟହେବେ ବୋଲି କହିଛନ୍ତି। ଏ ନେଇ ବିଷମକଟକ ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀ ପ୍ରଶାନ୍ତ କୁମାର ସେଠିଙ୍କୁ ପଚାରିବାରୁ, ଉକ୍ତ ସ୍ଥାନରେ ପାଇପ୍ ବିଛାଇବା ନେଇ ଠିକା ସଂସ୍ଥା କିମ୍ବା ବିଭାଗ ପକ୍ଷରୁ ଆମ ଅନୁମତି ନିଆଯାଇନାହିଁ ବୋଲି କହିଛନ୍ତି। ବିଷମକଟକ ଆର୍‌ଡବ୍ଲ୍ୟୁଏସ୍‌ଏସ୍ କନିଷ୍ଠ ଯନ୍ତ୍ରୀ ଜିତେନ୍ଦ୍ର ପାତ୍ର ମଧ୍ୟ ଏ ବିଷୟରେ ଅବଗତ ନ ଥିବା କହିଛନ୍ତି। ତେବେ ଏହା ପ୍ରଥମ ଘଟଣା ନୁହେଁ। ଅନିୟମିତତା ନେଇ ଠିକା ସଂସ୍ଥା ବିରୋଧରେ ପୂର୍ବରୁ ମଧ୍ୟ ଗଣମାଧ୍ୟମରେ ଖବର ପ୍ରକାଶ ପାଇଛି। ସେହିପରି ବିଷମକଟକ ଆର୍‌ଡବ୍ଲ୍ୟୁଏସ୍‌ଏସ୍ କନିଷ୍ଠ ଯନ୍ତ୍ରୀଙ୍କ ଉପରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନଭାବେ ନିଲମ୍ବନ କରାଯିବା ପାଇଁ ଜମି ମାଲିକ ଦାବି କରିଛନ୍ତି।

## ପୌର ପରିଷଦ ସଂରକ୍ଷିତ ତାଲିକା ପ୍ରକାଶ

ମାଲକାନଗିରି,୧୦।୧୧ (ଡି.ଏନ୍.ଏ.)

ପୌର ନିର୍ବାଚନ ପାଇଁ ମାଲକାନଗିରି ଜିଲାପାଳ ବୁଧବାର ପୌର ପରିଷଦ ପାଇଁ ସଂରକ୍ଷିତ ତାଲିକା ପ୍ରକାଶ କରିଛନ୍ତି। ଏହି ତାଲିକା ଅନୁଯାୟୀ ମାଲକାନଗିରି ପୌର ପରିଷଦ ଅଧୀନରେ ଥିବା ୧୯ଟି ୱାର୍ଡ ମଧ୍ୟରୁ ୱାର୍ଡ ନଂ. ୧, ୧୨, ୧୩, ୧୫, ୧୯ ଅଣ ସଂରକ୍ଷିତ ବର୍ଗର ପୁରୁଷ ପ୍ରାର୍ଥୀଙ୍କ ପାଇଁ ରହିଥିବା ବେଳେ ୱାର୍ଡ ନଂ. ୬, ୮, ୧୦, ୧୧, ୧୪ ଅଣସଂରକ୍ଷିତ ବର୍ଗର ମହିଳା ପ୍ରାର୍ଥୀଙ୍କ ପାଇଁ ରଖାଯାଇଛି। ସେହିପରି ୱାର୍ଡ ନଂ. ୨, ୪, ୧୬ ଅନୁସୂଚିତ ଜାତି ମହିଳା, ୱାର୍ଡ ନଂ. ୩, ୭, ଅନୁସୂଚିତ ଜାତି ପୁରୁଷ, ୱାର୍ଡ ନଂ. ୧୭, ୧୮ ଅନସୁଚିତ ଜନଜାତି ଏବଂ ୱାର୍ଡ ନଂ. ୫, ୯, ଅନୁସୂଚିତ ଜନଜାତିର ମହିଳା ଙ୍କ ଲାଗି ସଂରକ୍ଷିତ କରାଯାଇଛି। ବିଜ୍ଞପ୍ତି ଅନୁଯାୟୀ ଯଦି କୌଣସି ବ୍ୟକ୍ତିବିଶେଷ କିମ୍ବା ୱାର୍ଡ ବାସିନ୍ଦାଙ୍କ ଆପତ୍ତି ଅଭିଯୋଗ ଥାଏ ସେମାନେ ଆସନ୍ତା ୧୮ ତାରିଖ ମଧ୍ୟରେ ସଂଶୋଧନ ପାଇଁ ଆବେଦନ କରିପାରିବେ।


No. B-584

GOVT. OF ODISHA

**Government of Odisha**

**"e" Procurement Notice**

**Bid Identification No. PWDK-12/2021-22**

e-mail: eepwdkeonjhar@yahoo.com

No. G2/7381 Dt.06.11.2021

| | | |
|---|---|---|
| 1. | No. of the Work | : 07 Nos. Building Works |
| 2. | Estimated Cost | : From Rs.41.41 to Rs.42.97 lakhs |
| 3. | Period of Completion | : 6 (Six) Calendar Months |
| 4. | Date and time of availability of Bid document in the portal | : From 10.00 hr. 15.11.2021 to 17.00 hr. of 24.11.2021 |
| 5. | Last date/time for receipt of bids in the portal | : 17.00 hr. of 24.11.2021 |
| 6. | Date of Opening of Bid from Portal | : 11.30 hrs. of 25.11.2021 |
| 7. | Name and address of the Officer Inviting Bid | : Superintending Engineer, Keonjhar (R&B) Division, Keonjhar |

Further details can be seen from the e-procurement portal "http://tendersodisha.gov.in".

Sd./- S.K. Behera
Superintending Engineer
Keonjhar (R&B) Division

OIPR-34004/11/0007/2122

